# ECHO OF HIS CALL

## ଯୀଶୁ ଖ୍ରୀଷ୍ଟଙ୍କର ଆହ୍ବାନର ପ୍ରତିଧ୍ୱନି

ODIA

ECHO OF HIS CALL 1969-2019 GOLDEN JUBILEE

*India's National Spiritual Newspaper*

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

**Editor : S. SAM SELVA RAJ** | **16 Languages** | **Associate Editor : Sis. Surama Samuel**

**Vol. XXIII** | **YEAR OF OUR LORD JESUS CHRIST, 2021 FEBRUARY** | **No.1**


## ପବିତ୍ର ବାଇବଲ

**(ଦୟାକରି ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)**

**ସଦାପ୍ରଭୁଙ୍କର ପ୍ରଶଂସା କର ।**

**(ଗୀତସଂହିତା ୩୭:୧-୧୦)**

୧ ତୁମ୍ଭେ ଦୁଷ୍କର୍ମକାରୀମାନଙ୍କ ସକାଶୁ ଆପଣାକୁ ବିରକ୍ତ କର ନାହିଁ, କିଅବା ଅଧର୍ମାଚାରୀମାନଙ୍କ ପ୍ରତି ଈର୍ଷାଭାବ ବହ ନାହିଁ ।

୨ କାରଣ ସେମାନେ ଘାସ ପରି ଶୀଘ୍ର କଟା ଯିବେ ଓ କୋମଳ ତୃଣ ପରି ଶୁଷ୍କ ହେବେ ।

୩ ସଦାପ୍ରଭୁଙ୍କଠାରେ ନିର୍ଭର ରଖି ସୁକର୍ମ କର; ଦେଶରେ ବାସ କରି ବିଶ୍ୱସ୍ତତାର ଅନୁଗାମୀ ହୁଅ ।

୪ ମଧ୍ୟ ସଦାପ୍ରଭୁଙ୍କଠାରେ ଆନନ୍ଦ କର; ତହିଁରେ ସେ ତୁମ୍ଭର ମନୋବାଞ୍ଛା ପୂର୍ଣ୍ଣ କରିବେ ।

୫ ସଦାପ୍ରଭୁଙ୍କଠାରେ ତୁମ୍ଭର ଗତି ସମର୍ପଣ କର; ମଧ୍ୟ ତାହାଙ୍କଠାରେ ନିର୍ଭର ରଖ, ତହିଁରେ ସେ ତାହା ସଫଳ କରିବେ ।

୬ ଆଉ, ସେ ଦିପ୍ତୀ ତୁଲ୍ୟ ତୁମ୍ଭର ଧର୍ମ ଓ ମଧ୍ୟାହ୍ନ ତୁଲ୍ୟ ତୁମ୍ଭର ବିଚାର ପ୍ରକାଶ କରାଇବେ ।

୭ ସଦାପ୍ରଭୁଙ୍କଠାରେ ସୁସ୍ଥିର ହୁଅ ଓ ଧୈର୍ଯ୍ୟ ଧରି ତାହାଙ୍କ ଅପେକ୍ଷାରେ ରୁହ; ଯେ ନିଜ ମାର୍ଗରେ କୃତକାର୍ଯ୍ୟ ହୁଏ, ଯେଉଁ ଜନ କୁସଂକଳ୍ପ ସାଧନ କରେ, ତାହା ସକାଶୁ ଆପଣାକୁ ବିରକ୍ତ କର ନାହିଁ ।

୮ କ୍ରୋଧରୁ କ୍ଷାନ୍ତ ହୁଅ ଓ କୋପ ତ୍ୟାଗ କର; ଆପଣାକୁ ବିରକ୍ତ କର ନାହିଁ, ତାହା କେବଳ ଦୁଷ୍କର୍ମ କରିବାକୁ ପ୍ରବର୍ତ୍ତାଏ ।

୯ କାରଣ ଦୁଷ୍କର୍ମକାରୀମାନେ ଉଚ୍ଛିନ୍ନ ହେବେ; ମାତ୍ର ସଦାପ୍ରଭୁଙ୍କ ଅପେକ୍ଷାକାରୀମାନେ ଦେଶାଧିକାରୀ ହେବେ ।

୧୦ ଆଉ, ଅଳ୍ପକ୍ଷଣ ଉତ୍ତାରେ ଦୁଷ୍ଟଲୋକ ନ ଥିବ; ତୁମ୍ଭେ ଯତ୍ନପୂର୍ବକ ତାହାର ସ୍ଥାନ ତତ୍ତ୍ୱ କରିବ, ଆଉ ସେ ନ ଥିବ ।

# ଈଶ୍ୱରଙ୍କ ସନ୍ତାନମାନଙ୍କର ଅଧିକାର

## (THE INHERITANCE OF GOD'S CHILDREN !)

**(ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍‌ଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା)**

''ମାତ୍ର ହେ ଯାକୁବ, ଯେ ତୁମ୍ଭକୁ ସୃଷ୍ଟି କଲେ, ହେ ଇସ୍ରାଏଲ, ଯେ ତୁମ୍ଭକୁ ନିର୍ମାଣ କଲେ, ସେହି ସଦାପ୍ରଭୁ ଏବେ ଏହି କଥା କହନ୍ତି, ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ, ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର'' (ଯିଶାଇୟ ୪୩:୧) ।

ଏଠାରେ ଆମେ ଈଶ୍ୱରଙ୍କର ଅତି ଚମତ୍କାର ପ୍ରତିଜ୍ଞା ଦେଖୁ, ଏହା ପୃଥିବୀର ସମସ୍ତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଆମେ ବାଇବଲରେ ଈଶ୍ୱରଙ୍କର ଯେତେ ସବୁ ପ୍ରତିଜ୍ଞା ଦେଖୁ, ସେଗୁଡ଼ିକ ତାଙ୍କ ସନ୍ତାନମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ । ଅଧିକ ସଠିକ୍ ଭାଷାରେ, ଏହି ପ୍ରତିଜ୍ଞାଗୁଡ଼ିକ ସେହି ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ପ୍ରଭୁଯୀଶୁଙ୍କୁ ସେମାନଙ୍କର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି ଓ ତାଙ୍କର ଆଜ୍ଞାସବୁ ପାଳନ କରି ଏକ ପବିତ୍ର ଜୀବନ କାଟିଛନ୍ତି, ଓ ଯେଉଁମାନେ ସେମାନଙ୍କ ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତନର ଅନୁଭୂତି ପାଇଛନ୍ତି (ରୋମୀ ୧୨:୨) ।

ଜଣେ ସମାଜରେ ଏକ ପ୍ରଭାବଶାଳୀ ବ୍ୟକ୍ତି କିମ୍ୱା ଜଣେ ରାଜନୈତିକ ନେତା ହୋଇଥିବାରୁ, ଏହି ଆଶୀର୍ବାଦଗୁଡ଼ିକ ତା' ନିକଟରେ ପହଞ୍ଚେ ନାହିଁ । ଉପରେ ଯେପରି କୁହାଯାଇଛି, ସେହିପରି ଏହି ଆଶୀର୍ବାଦଗୁଡ଼ିକ ସେମାନଙ୍କ ନିକଟରେ ପହଞ୍ଚେ, ଯେଉଁମାନେ ସେମାନଙ୍କ ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୋଇଛନ୍ତି । ଏହି ଲୋକମାନଙ୍କର ହୃଦୟ ସମସ୍ତ ପ୍ରକାର ଈର୍ଷା ଓ କୁ ଚିନ୍ତାରୁ ମୁକ୍ତ ଥାଏ ଓ ସେମାନଙ୍କଠାରେ ଏକ ସ୍ୱଚ୍ଛ ଚିନ୍ତାଧାରା ରହିଥାଏ । ମନର ନୂତନୀକରଣ ପାଇବା ପାଇଁ, ଯୀଶୁଙ୍କ ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ । ଯେଉଁ ମାର୍ଗରେ ଯୀଶୁ ଖ୍ରୀଷ୍ଟ ଜଣେ ବ୍ୟକ୍ତିକୁ ପରିବର୍ତ୍ତନ କରନ୍ତି, ତାହା ଆଶ୍ଚର୍ଯ୍ୟଜନକ ଅଟେ । ଅନ୍ୟ କୌଣସି ଜାଗତିକ ବିଷୟ କିମ୍ୱା ଧନ, ଯଶ କିମ୍ୱା ଶକ୍ତି ଜଣେ ମନୁଷ୍ୟ ଠାରେ ସେହି ପ୍ରକାର ପରିବର୍ତ୍ତନ ଆଣି ପାରେ ନାହିଁ । ଯୀଶୁଙ୍କଠାରେ ବିଶ୍ୱାସ କରି ପରିବର୍ତ୍ତିତ ହୁଅନ୍ତୁ ! ଯେଉଁମାନେ ଆପଣଙ୍କୁ ଦେଖିବେ, ସେମାନେ ବିଶ୍ୱାସ କରିବେ । ଯେଉଁମାନେ ଆପଣଙ୍କୁ ଦେଖିବେ, ସେମାନେ ଆପଣଙ୍କୁ ପ୍ରେମ କରିବେ ।

ମୋର ପାଳକ ଜି.ସୁନ୍ଦରମ୍ ଥରେ ଗୋଟିଏ ଘଟଣା ବର୍ଣ୍ଣନା କରିଥିଲେ । ଗୋଟିଏ ପରିବାରରେ, ପୁତ୍ର ନିଜ ପିତାମାତାଙ୍କ ଠାରୁ ଦୂରକୁ ଚାଲି ଯିବା ପାଇଁ ଚେଷ୍ଟା କରିଥିଲା, କାରଣ ସେ ନିଜର ମନ୍ଦ ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା । ଯଦିଓ ତା'ର ପିତାମାତା ତାକୁ ସେପରି ନ କରିବା ପାଇଁ ପରାମର୍ଶ ଦେଇଥିଲେ, ତଥାପି ସେ ସେମାନଙ୍କର କଥା ଶୁଣି ନ ଥିଲା । ତା'ର ମା' ତାକୁ ଅନେକ ଅନୁରୋଧ କରିଥିଲେ, ମାତ୍ର ସେ ତାଙ୍କ କଥା ମଧ୍ୟ ଶୁଣି ନ ଥିଲା । ଶେଷରେ, ତା'ର ମା' ତାକୁ କହିଥିଲେ, ''ପୁତ୍ର, ମୋତେ ତୁମ ସାର୍ଟରେ କିଛି ଲେଖାକୁ ସିଲେଇ ଦ୍ୱାରା ସଂଯୁକ୍ତ କରିବାକୁ ଦିଅ ।

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

# ECHO OF HIS CALL

**2019 - GOLDEN JUBILEE YEAR**




**OUR MISSION POLICY**

We should expound and teach the contemporary generation the undiluted teachings of the ancient and early Apostles. It is the need of the hour.



*from Editors...*

**''ଯୁଦ୍ଧ ଦିନ ପାଇଁ ଅଶ୍ୱ ସୁସଜ୍ଜିତ ହୁଅଇ, ମାତ୍ର ଜୟ ସଦାପ୍ରଭୁଙ୍କଠାରୁ ହୁଅଇ'' (ହିତୋପଦେଶ ୨୧:୩୧) ।**

***ଖ୍ରୀଷ୍ଟ ଯୀଶୁଙ୍କଠାରେ ପ୍ରିୟ ବନ୍ଧୁଗଣ,***

ଆମେ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ ଜଣାଉଅଛୁ ।

ଆପଣମାନେ କିପରି ଅଛନ୍ତି ? ଆମେ ଆପଣମାନଙ୍କ ବିଷୟରେ ଓ ଈଶ୍ୱର ଯେପରି ଆଶ୍ଚର୍ଯ୍ୟଜନକ ମାର୍ଗରେ ଆମକୁ ସ୍ୱର୍ଗୀୟ ପ୍ରେମରେ ମିଳିତ କରିଛନ୍ତି, ସେହି ବିଷୟରେ ଚିନ୍ତା କରି ଆନନ୍ଦରେ ପରିପୂର୍ଣ୍ଣ ହୋଇଅଛୁ । ହଁ, ଆମର ସଂପର୍କ ଜାଗତିକ ନୁହେଁ ମାତ୍ର ଅପାର୍ଥିବ ଅଟେ । ଆପଣମାନେ ଏହା ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ଆମେ ଅନୁଗ୍ରହ ସିଂହାସନ ନିକଟରେ ଆପଣଙ୍କୁ ଓ ଆପଣଙ୍କ ପ୍ରିୟଜନମାନଙ୍କୁ ସ୍ମରଣ କରିବା ପାଇଁ ଆଦୌ ଭୁଲି ଯାଇ ନ ଥାଉ । ଈଶ୍ୱର ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ଓ ଆପଣଙ୍କ ଜୀବନର ସମସ୍ତ କ୍ଷେତ୍ରରେ ଆପଣଙ୍କୁ ସୁରକ୍ଷା ଦେବେ । ସେ ଆପଣମାନଙ୍କର, ଆପଣମାନଙ୍କ ପ୍ରିୟଜନମାନଙ୍କର ଓ ଆପଣମାନଙ୍କ ସଂପତ୍ତିର ଚତୁର୍ଦ୍ଦିଗରେ ବାଡ଼ ସ୍ଥାପନ କରିବେ । ସଦାପ୍ରଭୁ ପରମେଶ୍ୱର ଆପଣମାନଙ୍କୁ ଭୁଲିବେ ନାହିଁ କିମ୍ବା ପରିତ୍ୟାଗ କରିବେ ନାହିଁ । ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ କହନ୍ତି, ''...ଆମ୍ଭେ ତୁମ୍ଭମ ସହିତ ଆପଣା ନିୟମ ସ୍ଥିର କରିବା, ତହିଁରେ ଆମ୍ଭେ ଯେ ସଦାପ୍ରଭୁ ଅଟୁ, ଏହା ତୁମ୍ଭେ ଜାଣିବ'' (ଯିହିଜିକଲ ୧୬:୬୨) ।

ଲୋକମାନଙ୍କ ପ୍ରତି ଘଟିଥିବା କ୍ଷତିଗୁଡ଼ିକ ସମ୍ବନ୍ଧରେ, ଆମେ ପୃଥିବୀର ବିଭିନ୍ନ ଅଞ୍ଚଳରୁ ସମ୍ବାଦ ସବୁ ପାଇ ଆସୁଅଛୁ । ମାତ୍ର ସଦାପ୍ରଭୁ ପରମେଶ୍ୱର ଆମକୁ ଏହି ମହାମାରୀ ସମୟରେ ମଧ୍ୟ ସୁରକ୍ଷିତ ରଖିଛନ୍ତି । ସେଥିପାଇଁ ଆମେ ତାଙ୍କ ପ୍ରତି କୃତଜ୍ଞ ହେବା ଆବଶ୍ୟକ ।

ଆମର ମିଶନ୍ କ୍ଷେତ୍ରଗୁଡ଼ିକରେ ଆମେ ଆମର ମଣ୍ଡଳୀଗୁଡ଼ିକର, ସଦସ୍ୟମାନଙ୍କର, ଆହ୍ୱାନର ପ୍ରତିଧ୍ୱନି ପ୍ରକାଶନ, ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ବିଦ୍ୟାଳୟ, ନିହିମିୟା ବାଇବଲ କଲେଜ, ବାଇବଲ କୋର ଡ଼ାକ ମାଧ୍ୟମରେ ପାଠ୍ୟକ୍ରମ, ପ୍ରଶାସନ, ଅର୍ଥ ଇତ୍ୟାଦି, ବିଷୟର ଯତ୍ନ ନେବାରେ ଅତି ବ୍ୟସ୍ତ ଅଛୁ । ବିଭିନ୍ନ ଅକଥନୀୟ ପ୍ରତିକୂଳ ପରିବେଶ ସତ୍ତ୍ୱେ, ଆମେ ଆମର ଦିନ ପ୍ରତିଦିନର କାର୍ଯ୍ୟକଳାପରେ କାର୍ଯ୍ୟରତ ଥିବା ଈଶ୍ୱରଙ୍କ ହସ୍ତକୁ ଦେଖିବାରେ ସମର୍ଥ ଅଟୁ । ଜୀବନରେ ଭୟ ଓ ଅସୁରକ୍ଷା ମନୋଭାବ ଯୋଗୁ, ମହାମାରୀ ପୃଥିବୀର ସାଧାରଣ ଲୋକମାନଙ୍କର ମନୋଦଶାକୁ ପ୍ରଭାବିତ କରିଥିବାର ଆମେ ଦେଖିଅଛୁ । ଅର୍ଥନୈତିକ କ୍ଷେତ୍ରରେ ଆମେ ବଡ଼ ବଡ଼ ଅସୁବିଧାର ମଧ୍ୟ ସମ୍ମୁଖୀନ ହେଉଅଛୁ । ମାତ୍ର ସର୍ବୋପରି ଆମ ନିକଟରେ ଆମ ଜୀବିତ ତ୍ରାଣକର୍ତ୍ତାଙ୍କର ଏକ ଅଟଳ ପ୍ରତିଜ୍ଞା ଅଛି : ''ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି...'' (ରୋମୀୟ ୮:୨୮) ।

ଯଦି ଆପଣମାନେ ମଧ୍ୟ କୌଣସି ପ୍ରକାର ଦୁଃଖ ମଧ୍ୟ ଦେଇ ଗତି କରୁଛନ୍ତି, ତେବେ ଦୟାକରି ଏହା ଜାଣନ୍ତୁ ଯେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣମାନଙ୍କର ସମସ୍ତ ପରିସ୍ଥିତିରେ ଆପଣମାନଙ୍କ ସହିତ ଅଛନ୍ତି ।

ଆମର ମଣ୍ଡଳୀ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉତ୍ତମଭାବେ ଚାଲୁଅଛି । ଆପଣମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ପାଇଁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଆପଣମାନଙ୍କର ସେବକଗଣ,**
**ପାଳକ ସାମ୍ ଓ ସାମ୍ସନ୍**

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.

**MANAGING EDITOR**
Pastor Alex Samson Sam, B.Th.,M.Div.

**ADMINISTRATION**
Bro. N. Prakasam, M.A., General Manager

**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.

**Hd. Qrs. CO-ORDINATORS**
Bro. John Rodrigues
Sis. E. Daisy Rani

**ADVISORY BOARD**
Adv. Jose Abraham
Adv. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Aud. K. Puratchivendan, M.Com., B.L

**PUBLISHER & PRINTER**
Pastor S. SAM SELVA RAJ
**Echo of His Call Printers**
10, Mohammed Abdullah 2nd Street
Chepauk, Chennai- 600 005, India.

**Phone :** (+ 91- 44) 2852 8282, 2852 9293, 2854 7766
**Cell** : (+91) 98410 71852, 95661 31858
**E-mail :** sam@echoofhiscall.org
biblecor@yahoo.co.in

**Websites :**
www.echoofhiscall.org
www.echoofhiscall.com

**Our Ministries:** ECHO OF HIS CALL Monthly Magazines (16 languages) · BIBLECOR - Postal Courses (3 languages) · Theological Correspondence Courses (2 languages) · Church Planting · Nehemiah Bible Colleges · Gospel Printing Press · Great Commission Partners · St. Paul's Matriculation School · Crusades · Community Development

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଦୟାକରି ସମସ୍ତ ପରିସ୍ଥିତିରେ ସେହି ସାର୍ଟକୁ ପରିଧାନ କରିବାକୁ ଭୁଲିବ ନାହିଁ । ସେ ସିଲେଇ ଦ୍ୱାରା ଏହା ଲେଖିଥିଲେ, ''ମୁଁ ରାଜକୀୟ ବଂଶର ଅଟେ ।'' ସେ ସେହି ସାର୍ଟ ପିନ୍ଧିଲା । ଆମେ ବାଇବଲରେ ଯେପରି ଅପବ୍ୟୟୀ ପୁତ୍ର ବିଷୟରେ ପଢ଼ିଛୁ, ସେହିପରି ଏହି ବାଳକ ମଧ୍ୟ ନିଜର ସମସ୍ତ ଅର୍ଥ ଉଡ଼ାଇ ଦେଲା ଓ ତା'ର ସ୍ୱାସ୍ଥ୍ୟରେ ଅବନତି ଆସିଲା, ପୁଣି ସେ ମୃତପ୍ରାୟ ହୋଇଗଲା । ସେହି ସମୟରେ ତା' ସାର୍ଟରେ ଲେଖାଥିବା ବାକ୍ୟଟି ତା' ସହିତ କଥା କହିବା ଆରମ୍ଭ କଲା । ''ମୁଁ ରାଜକୀୟ ବଂଶର ଅଟେ'', ଏହି ବାକ୍ୟଟି ତା'ର ହୃଦୟକୁ ଗଭୀର ଭାବରେ ସ୍ପର୍ଶ କଲା । ପରେ, ସେ ନିଜର ଜ୍ଞାନ ଫେରି ପାଇଲା ଓ ସେ କାହିଁକି ଏପରି ଏକ ଅଶୁଚି ଜୀବନ କାଟିଲା, ତାହା ଭାବିବାକୁ ଲାଗିଲା । ଶେଷରେ, ସେ ନିଜର ପିତାମାତାଙ୍କୁ ଅନ୍ୱେଷଣ କରିବା ପାଇଁ ବାହାରି ଗଲା । ତାକୁ ଦେଖି, ତା'ର ପିତାମାତା ତାକୁ କୁଣ୍ଢେଇ ଧରିଲେ ଓ ସେ ପୁଣିଥରେ ନିଜ ପରିବାର ସହିତ ଯୋଗ ଦେଲା ।

ଯେତେବେଳେ ଏଜ୍ରା ବାବିଲୋନ୍‌ରୁ ଯିରୂଶାଲମକୁ ଆସିଲେ, ସେତେବେଳେ ସେ ଇସ୍ରାଏଲୀୟମାନଙ୍କ ଅବସ୍ଥା ଦେଖିଥିଲେ । ସେହି ''ପବିତ୍ର ବଂଶ'' ସେହି ଦେଶର ଲୋକମାନଙ୍କ ସହିତ ସଂପୂର୍ଣ୍ଣ ଭାବରେ ମିଶି ଯାଇଥିଲେ (ଏଜ୍ରା ୯:୨) ।

ଈଶ୍ୱରଙ୍କର ପ୍ରିୟ ସନ୍ତାନମାନେ, ଆପଣମାନେ ଯେ ସ୍ୱର୍ଗସ୍ଥ ପିତାଙ୍କର ସନ୍ତାନ ସନ୍ତତି ଅଟନ୍ତି ଓ ବର୍ତ୍ତମାନ ଦୂଷିତ ପାପ ମଧ୍ୟରେ ବାସ କରୁଛନ୍ତି, ଏହା ହୁଏତ ଆପଣମାନେ ଭୁଲି ଯାଇଛନ୍ତି । ଗୁପ୍ତଭାବରେ, ଆପଣମାନେ ହୁଏତ କିଛି ପାପ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ, ଆପଣ କାହିଁକି ଏ ମଣ୍ଡଳୀରେ ଅଛନ୍ତି ? ଈଶ୍ୱର କହିଛନ୍ତି, ''ତୁମ୍ଭେ ମାତାର ଉଦରରେ ଥିବା ସମୟରେ ସୁଦ୍ଧା ଆମ୍ଭେ ତୁମ୍ଭକୁ ଜାଣିଥିଲୁ ଓ ତୁମ୍ଭେ ଏହି ମଣ୍ଡଳୀକୁ ଆସିବ ବୋଲି ମଧ୍ୟ ଆମ୍ଭେ ଜାଣିଥିଲୁ ।''

ହଁ, ପ୍ରିୟ ବନ୍ଧୁଗଣ, ଜଗତର ପତ୍ତନ ପୂର୍ବରୁ ସଦାପ୍ରଭୁ ପରମେଶ୍ୱର ଆପଣଙ୍କୁ ମନୋନୀତ କରିଛନ୍ତି । ସେଥିପାଇଁ ନିଜକୁ ନ୍ୟୁନ ମନେ କରନ୍ତୁ ନାହିଁ । ଆପଣ ସ୍ୱତନ୍ତ୍ର ଅଟନ୍ତି । ଦାଉଦଙ୍କ ପରି ଆପଣ ମଧ୍ୟ ଈଶ୍ୱରଙ୍କୁ କହିପାରିବେ, ''ତୁମ୍ଭେ ମୋହର ଅଂଶ'' (ଗୀତ ୧୧୯:୫୭) । ସେଥିପାଇଁ ଈଶ୍ୱର ଆପଣଙ୍କ ପ୍ରତି ଦୃଷ୍ଟିପାତ କରି କହନ୍ତି, ''ତୁମ୍ଭେ ଆମ୍ଭର ଅଟ ।'' ଜଗତ ହୁଏତ ଆପଣଙ୍କୁ ଖରାପ ବ୍ୟବହାର ଦେଖାଇପାରେ, ଏହା ଆପଣଙ୍କର କ୍ଷତି କରିପାରେ । ମାତ୍ର ଯେଉଁ ସଦାପ୍ରଭୁ ଆପଣଙ୍କୁ ଆହ୍ୱାନ କରିଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି । ସେ ଜଣେ ଉତ୍ତମ ଈଶ୍ୱର ଓ ବିଶ୍ୱସ୍ତ ଅଟନ୍ତି ।

ଆପଣ ଏହି ଜଗତର ସୃଷ୍ଟିକର୍ତ୍ତା ସଦାପ୍ରଭୁ ପରମେଶ୍ୱରଙ୍କ ନାମ ଦ୍ୱାରା ଆହ୍ୱାନ କରାଯାଇଛି । ଆପଣ ହୁଏତ ଆପଣଙ୍କ ପିତାମାତାଙ୍କ ନାମାନୁସାରେ ନାମିତ ହୋଇଥିବେ । ମାତ୍ର ଏହି ନାମ ସେହି ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ହୋଇଛି ଯିଏ ଆପଣଙ୍କୁ ଆପଣଙ୍କ ମାତାଙ୍କ ଉଦର ମଧ୍ୟରେ ଥିବା ସମୟରେ ମନୋନୀତ କରିଥିଲେ । ଥରେ ମୁଁ ମୋ' ମା'ଙ୍କୁ ପଚାରିଥିଲି, ''ତୁମେ କାହିଁକି ମୋ' ନାମ 'ସାମ୍ ସେଲ୍‌ଭାରାଜ୍' ରଖିଥିଲେ ?'' ସେ କହିଥିଲେ ଯେ ମୁଁ ତାଙ୍କ ପରିବାରର ଧନ ଅଟେ !

ହଁ, ଶାମୁୟେଲ ଜଣେ ଶ୍ରେଷ୍ଠ ଭାବବାଦୀ ଥିଲେ । ''ସେଲ୍‌ଭାରାଜ୍''ର ଅର୍ଥ ''ସମସ୍ତ ଧନର ରାଜା ।'' ସେମାନେ ମୋତେ ଏହିପରି ଏକ ସୁନ୍ଦର ନାମ ଦେଇଥିବାରୁ ମୁଁ ଖୁସି ଥିଲି । ଜଣେ ବୃଦ୍ଧ ପ୍ରଚାରକ କହିଥିଲେ, ''ଆମର ସଦାପ୍ରଭୁ ପରମେଶ୍ୱର ଆମ ପ୍ରତ୍ୟେକଙ୍କୁ ସେତେବେଳେ ନାମ ପ୍ରଦାନ କରିଥାନ୍ତି, ଯେତେବେଳେ ଆମେ ମାତାର ଉଦର ମଧ୍ୟରେ ଥାଉ । ସେଥିପାଇଁ, ମୁଁ ଏହା ବୁଝିଛି ଯେ ମୋର ସଦାପ୍ରଭୁ ପରମେଶ୍ୱର ହିଁ ମୋତେ 'ସେଲ୍‌ଭାରାଜ୍' ନାମ ପ୍ରଦାନ କରିଛନ୍ତି । ସଦାପ୍ରଭୁ ପରମେଶ୍ୱର ଆପଣଙ୍କୁ ମଧ୍ୟ ଆପଣଙ୍କ ନାମ ପ୍ରଦାନ କରିଛନ୍ତି ।

ସଦାପ୍ରଭୁଙ୍କ ଦୂତ ଯୋଷେଫଙ୍କୁ ଦେଖା ଦେଇ କହିଥିଲେ, ''ସେ (ମରିୟମ) ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କ ସମସ୍ତ ପାପରୁ ପରିତ୍ରାଣ କରିବେ'' (ମାଥିଉ ୧:୨୧) । ''ଯୀଶୁ'' ନାମର ଅର୍ଥ – ସେ ଲୋକମାନଙ୍କୁ ସେମାନଙ୍କ ପାପରୁ ପରିତ୍ରାଣ କରିବେ ।'' ଆମେ ଲୂକ ୧:୧୩ରେ ମଧ୍ୟ ଏହା ଲକ୍ଷ୍ୟ କରୁ ଯେ ଜଣେ ଦୂତ ଯିଖରିୟଙ୍କୁ ଦେଖାଦେଇ ତାଙ୍କର ପୁତ୍ରକୁ 'ଯୋହନ' ନାମ ଦେବା ପାଇଁ କହିଥିଲେ ।

ସେଥିପାଇଁ, ଯେତେବେଳେ ପିତାମାତାମାନେ ସେମାନଙ୍କ ସନ୍ତାନମାନଙ୍କୁ ନାମ ଦିଅନ୍ତି, ସେତେବେଳେ ସେମାନେ ସର୍ବଶକ୍ତିମାନ ଈଶ୍ୱରଙ୍କ ସ୍ୱର ଶୁଣିବା ଉଚିତ ଓ ପ୍ରଭୁଙ୍କଦ୍ୱାରା ଯେପରି ପ୍ରରୋଚନା ମିଳେ, ସେହିପରି ସେମାନଙ୍କ ସନ୍ତାନମାନଙ୍କୁ ନାମ ଦେବା ଉଚିତ୍ । ସେ ଆପଣଙ୍କ ମନ ସହିତ କଥାବାର୍ତ୍ତା କରିବେ ! ଆପଣଙ୍କ ସନ୍ତାନମାନଙ୍କର ନାମଗୁଡ଼ିକ ସ୍ୱର୍ଗୀୟ ପୁସ୍ତକରେ ଲେଖାଯାଇଛି ।

ଏପରି ଗୋଟିଏ ଦିନ ଆସିବ, ଯେତେବେଳେ ସଦାପ୍ରଭୁ ପରମେଶ୍ୱର ଆମ ପ୍ରତ୍ୟେକଙ୍କୁ ଆମର ନାମ ଧରି ଡାକିବେ । ପ୍ରତ୍ୟେକଙ୍କ ନାମ ଈଶ୍ୱରଙ୍କ ପୁସ୍ତକରେ ଲେଖାଯାଇଛି । ଆପଣ ସ୍ୱତନ୍ତ୍ର ଅଟନ୍ତି । ସଦାପ୍ରଭୁ ଆପଣଙ୍କୁ କହିଛନ୍ତି, ''ତୁମ୍ଭେ ଜଳ ମଧ୍ୟ ଦେଇ ଯିବା ବେଳେ ଆମ୍ଭେ ତୁମ୍ଭର ସଙ୍ଗୀ ହେବା, ନଦନଦୀ ମଧ୍ୟରେ ଗମନ କଲେ ସେସବୁ ତୁମ୍ଭକୁ ମଗ୍ନ କରିବ ନାହିଁ । ତୁମ୍ଭେ ଅଗ୍ନି ମଧ୍ୟରେ ଗମନ କରିବା ବେଳେ ଦଗ୍ଧ ନୋହିବ, କିଅବା ଅଗ୍ନି ଶିଖା ତୁମ୍ଭର ଦାହ ଜନ୍ମାଇବ ନାହିଁ'' (ଯିଶାଇୟ ୪୩:୨) । ହଁ, ଅସୁବିଧା, କଷ୍ଟ ଓ ଦୁଃଖ ଆପଣଙ୍କର ଆଦୌ କ୍ଷତି କରିପାରିବ ନାହିଁ । ଆପଣ ହୁଏତ ଭାବିପାରନ୍ତି, ''ଓଃ, ମୁଁ କଷ୍ଟକର ସମୟରେ ବାସ କରୁଅଛି ଓ ଏହି ଭୟଙ୍କର ରୋଗ ଭୋଗୁଅଛି ।'' ମାତ୍ର ଯେଉଁ ସଦାପ୍ରଭୁ ଆପଣଙ୍କୁ ଆହ୍ୱାନ କରିଥିଲେ, ସେ କହନ୍ତି, ''ଯେତେବେଳେ ତୁମ୍ଭେ ଜଳ ମଧ୍ୟ ଦେଇ ଯିବ, ସେତେବେଳେ ମୁଁ ତୁମ୍ଭର ସହବର୍ତ୍ତୀ ହେବି ।''

ଶୁଣନ୍ତୁ, ସମସ୍ତଙ୍କ ପରି ଆପଣଙ୍କୁ ମଧ୍ୟ ଜଳ ଓ ନଦନଦୀ ମଧ୍ୟ ଦେଇ ଯିବାକୁ ପଡ଼ିପାରେ । ଆପଣଙ୍କୁ ମଧ୍ୟ ଅଗ୍ନି ମଧ୍ୟ ଦେଇ ଯିବାକୁ ପଡ଼ିପାରେ । ମାତ୍ର ଈଶ୍ୱର ଆପଣଙ୍କୁ ସେଗୁଡ଼ିକ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଦେବେ ନାହିଁ ।

ଏହାପରେ, ଆମେ ଯିଶାଇୟ ୪୩:୩ରେ ପାଠ କରୁ, ''କାରଣ ଆମ୍ଭେ ସଦାପ୍ରଭୁ ତୁମ୍ଭ ପରମେଶ୍ୱର, ଇସ୍ରାଏଲର ଧର୍ମସ୍ୱରୂପ, ତୁମ୍ଭର ତ୍ରାଣକର୍ତ୍ତା ଅଟୁ, ଆମ୍ଭେ ତୁମ୍ଭ ମୁକ୍ତିର ମୂଲ୍ୟ ସ୍ୱରୂପେ ମିସର ଓ ତୁମ୍ଭ ପରିବର୍ତ୍ତରେ କୂଶ ଓ ଶୀବା ଦେଶ ଦେଇଅଛୁ ।'' ଆମେ ଈଶ୍ୱରଙ୍କ ସନ୍ତାନସନ୍ତତି ଅଟୁ ଓ ସେଥିପାଇଁ ଆମେ ଆଦୌ ଭ୍ରାନ୍ତି ମଧ୍ୟରେ ବାସ କରିବା ନାହିଁ । ଆମେ ଋଣରେ ବୁଡ଼ି ଯିବା ନାହିଁ । ଆମେ କାହିଁକି ମଣ୍ଡଳୀକୁ ଆସୁ ? ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦାନ ଦେବା, ପ୍ରାର୍ଥନା ଓ ଉପବାସ କରିବାର ଉଦ୍ଦେଶ୍ୟ କ'ଣ ? ଏହି ସମସ୍ତ ବିଷୟ ଆପଣଙ୍କୁ ଖ୍ରୀଷ୍ଟଙ୍କର ନିକଟବର୍ତ୍ତୀ କରିବ । ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ସେମାନଙ୍କ ନିକଟକୁ ସମସ୍ତ ଧନ ଓ ସ୍ୱାଚ୍ଛନ୍ଦ୍ୟ ଆସିବ । ଆମେ ମାଥିଉ ୬:୩୩ରେ ପାଠ କରୁ, ''କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।''

ଯଦିଓ ମୁଁ ଏକ ଦୀନହୀନ ସ୍ଥିତିରୁ ଆସିଥିଲି, ତଥାପି ଈଶ୍ୱର ମୋତେ ବର୍ତ୍ତମାନ ଭଳି ସ୍ଥିତିକୁ ଆଣିଛନ୍ତି । ସେ ଆମକୁ ପୂର୍ବରୁ ନିରୂପଣ କରିଥାନ୍ତି, ଆମର ନାମ ଧରି ଆମକୁ ଆହ୍ୱାନ କରିଥାନ୍ତି ଓ ଯଦି ଆମେ ତାଙ୍କୁ ଦୃଢ଼ ଭାବରେ ଧରି ରଖିବା, ତେବେ ସେ ଆମର ମୁକ୍ତିର ମୂଲ୍ୟ ସ୍ୱରୂପେ ଆମକୁ ମିଶର ଓ ଶୀବା ଦେବେ ।

ଆମେ ଅନେକ ଲୋକଙ୍କର ଦୁଃଖଦ ଅନ୍ତ ଦେଖିଅଛୁ । ଯଦିଓ ସେମାନେ ଅତି ଲୋକ ପ୍ରିୟ ଓ ଧନଶାଳୀ ଥିଲେ,

***ଆହ୍ୱାନ ପ୍ରତିଧ୍ୱନି ସେବାକାର୍ଯ୍ୟ ଆହ୍ୱାନର ପ୍ରତିଧ୍ୱନି ପତ୍ରିକାର ପାଠକମାନଙ୍କର ଓ ଆପଣମାନଙ୍କ ଭଳି ଆମର ପ୍ରିୟ ବନ୍ଧୁମାନଙ୍କର ସ୍ୱେଚ୍ଛାଦାନ ଦ୍ୱାରା ପରିଚାଳିତ ହୋଇଥାଏ । ଈଶ୍ୱର ''ଜଣେ ହୃଷ୍ଟଚିତ୍ତଦାତାକୁ ପ୍ରେମ କରନ୍ତି'' (୨ କରିନ୍ଥୀୟ ୯:୭) । ଯେ କୌଣସି ମାଧ୍ୟମରେ, ଯେ କୌଣସି ମୂଲ୍ୟ ବିନିମୟରେ – ଯେ କୌଣସି ମାର୍ଗରେ, ସମସ୍ତ ଉପାୟରେ କେତେଜଣଙ୍କୁ ରକ୍ଷା କରନ୍ତୁ (୧ କରିନ୍ଥୀୟ ୯:୨୨) ।***

**– ସଂପାଦକ**

ତଥାପି ସେମାନଙ୍କର ଦୁଃଖଦ ଅନ୍ତ ଘଟିଥିଲା କାରଣ ସେମାନେ ଈଶ୍ୱର ବିହୀନ ଜୀବନ କାଟିଥିଲେ । ଈଶ୍ୱର ଆମ ପ୍ରତି ଦୃଷ୍ଟିପାତ କରି ଆମକୁ କହନ୍ତି, ‘‘ତୁମ୍ଭେ ଆମ୍ଭ ଦୃଷ୍ଟିରେ ବହୁମୂଲ୍ୟ ଓ ସମ୍ଭ୍ରାନ୍ତ ହୋଇଅଛ ଓ ଆମ୍ଭେ ତୁମ୍ଭକୁ ପ୍ରେମ କରିଅଛୁ । ଏହେତୁ ଆମ୍ଭେ ତୁମ୍ଭ ପରିବର୍ତ୍ତରେ ମନୁଷ୍ୟମାନଙ୍କୁ ଓ ତୁମ୍ଭ ପ୍ରାଣର ପରିବର୍ତ୍ତରେ ଗୋଷ୍ଠୀବର୍ଗକୁ ଦେବା’’ (ଯିଶା ୪୩:୪) । ‘‘ତୁମ୍ଭେ ଆମ୍ଭ ଦୃଷ୍ଟିରେ ବହୁମୂଲ୍ୟ ! ତୁମ୍ଭେ ଆମ୍ଭ ଦୃଷ୍ଟିରେ ବହୁମୂଲ୍ୟ !’’

ପ୍ରିୟ ଭାଇ ଓ ଭଉଣୀମାନେ, ଆପଣ ଯେ କେହି ହୋଇଥାନ୍ତୁ ନା’ କାହିଁକି, ଜୀବିତ ସଦାପ୍ରଭୁ କହନ୍ତି, ‘‘ତୁମର ବର୍ତ୍ତମାନର କଷ୍ଟକର ପରିସ୍ଥିତି ବିଷୟରେ ଚିନ୍ତିତ ହୁଅ ନାହିଁ ।’’ ଆପଣ ହୁଏତ କିଛି ସମସ୍ୟାରେ, କିମ୍ୱା ଋଣରେ କିମ୍ୱା ଗୋଟିଏ ରୋଗ ମଧ୍ୟରେ, କିମ୍ୱା କୌଣସି ପ୍ରକାର ଯନ୍ତ୍ରଣାରେ ଥାଇ ପାରନ୍ତି, କିମ୍ୱା ଆପଣ ହୁଏତ ପରବର୍ତ୍ତୀ ଦିନର କିପରି ସମ୍ମୁଖୀନ ହେବେ, ଏହା ଭାବି କ୍ଷୁଧିତ ଓ ଉଜାଗର ଥାଇପାରନ୍ତି । ମାତ୍ର ପ୍ରଭୁ କହିଛନ୍ତି, ‘‘ଯେହେତୁ ତୁମ୍ଭେ ଆମ୍ଭ ଦୃଷ୍ଟିରେ ବହୁମୂଲ୍ୟ ଥିଲ, ସେଥିପାଇଁ ତୁମ୍ଭମାନଙ୍କୁ ସମ୍ମାନ ଦିଆଯାଇଛି ଓ ଆମ୍ଭେ ତୁମ୍ଭକୁ ପ୍ରେମ କରିଅଛୁ । ସେଥିପାଇଁ, ତୁମ୍ଭ ପରିବର୍ତ୍ତେ ଓ ତୁମ୍ଭର ପ୍ରାଣର ପରିବର୍ତ୍ତେ ଲୋକମାନଙ୍କୁ ଦେବୁ ।’’ ଈଶ୍ୱରଙ୍କର ପ୍ରିୟ ସନ୍ତାନ, ଜଗତ ଆପଣଙ୍କୁ ଜଣେ ଋଣୀ, ଅସୁସ୍ଥ ବ୍ୟକ୍ତି, ଦରିଦ୍ର କିମ୍ୱା ଅଶିକ୍ଷିତ ଭାବରେ ଦେଖିପାରେ । ମାତ୍ର ଈଶ୍ୱର ଆପଣଙ୍କୁ କହନ୍ତି, ‘‘ଯେହେତୁ ତୁମ୍ଭେ ଆମ୍ଭ ଦୃଷ୍ଟିରେ ବହୁମୂଲ୍ୟ ଥିଲ, ସେଥିପାଇଁ ତୁମ୍ଭକୁ ସମ୍ମାନ ଦିଆଯାଇଛି ।’’

ବସ୍ କଣ୍ଡକ୍ଟର ଆପଣଙ୍କୁ କେବଳ ଜଣେ ସାଧାରଣ ଯାତ୍ରୀ ଭାବରେ ଦେଖିପାରେ । ଆପଣଙ୍କ ଡାକ୍ତର ଆପଣଙ୍କୁ ଜଣେ ରୋଗୀ ଭାବରେ ଦେଖିପାରେ । ମାତ୍ର ପ୍ରଭୁ ଯୀଶୁ କହନ୍ତି, ‘‘ତୁମ୍ଭେ ମୋର ବହୁମୂଲ୍ୟ ପୁତ୍ର ଅଟ, ତୁମ୍ଭେ ମୋହର ବହୁମୂଲ୍ୟ କନ୍ୟା ଅଟ ।’’

ବର୍ତ୍ତମାନ ହିଁ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରନ୍ତୁ । ଆମର ସଦାପ୍ରଭୁ ପରମେଶ୍ୱର ଆପଣଙ୍କୁ ବିଶୁଦ୍ଧ ସୁବର୍ଣ୍ଣରେ ପରିଣତ କରିବେ । କେତେକ ଲୋକ ସେମାନଙ୍କର ସମସ୍ତ ଶାରୀରିକ ଶକ୍ତି ହରାଇବା ପରେ ନିଜ ନିଜକୁ ସମର୍ପଣ କରିବେ । ସେମାନେ ସେମାନଙ୍କର ବହୁମୂଲ୍ୟ ବର୍ଷଗୁଡ଼ିକୁ ହରାଇ ଦିଅନ୍ତି । ଯେତେବେଳେ ଆପଣ ସୁସ୍ଥ ଓ ବଳିଷ୍ଠ ଥାଆନ୍ତି, ସେତେବେଳେ ଈଶ୍ୱରଙ୍କ ରାଜ୍ୟ ଅନ୍ୱେଷଣ କରନ୍ତୁ । ଆପଣ ଯେଉଁ ଭୂମିରେ ପାଦ ଦେବେ, ତାହା ଆପଣଙ୍କର ହେବ । ହିତୋପଦେଶ ୨୮:୨୦ରେ ଲେଖାଯାଏ, ‘‘ବିଶ୍ୱସ୍ତ ଲୋକ ଆଶୀର୍ବାଦରେ ବର୍ଦ୍ଧିଷ୍ଣୁ ହେବ ।’’

ଥରେ ମୁଁ ମୋର ପାଳକ ସାମ୍ ସୁନ୍ଦରମ୍‌ଙ୍କୁ ପୁରସାୱାକ୍କମ୍ (ଚେନ୍ନାଇ) ଠାରୁ ୧୫ କି.ମି. ଦୂରରେ ଥିବା ମୋ’ ଗୃହକୁ ଆଣୁଥିଲି । ମୋ’ ନିକଟରେ କେବଳ ୩ ଟଙ୍କା ୨୦ ପଇସା ଥିଲା । ଏହା କେବଳ ଅଧାରାସ୍ତାର ଭଡ଼ା ଥିଲା । ମୁଁ କ’ଣ ମୋର ପ୍ରିୟ ପାଳକଙ୍କୁ ପାଦରେ ଚଲାଇ ଚଲାଇ ମୋ’ ଗୃହକୁ ନେଇପାରିବି ? ମୁଁ କ୍ରନ୍ଦନ କରୁଥିଲି ଓ ମୋ’ ହୃଦୟ ଭିତରେ ପ୍ରାର୍ଥନା କରୁଥିଲି । କାର୍‌ଟି ଦ୍ରୁତ ଗତିରେ ଦୌଡୁଥିଲା । ମାତ୍ର ଆଶ୍ଚର୍ଯ୍ୟର ବିଷୟ ମିଟର କଣ୍ଟାଟି ଠିକ୍ ୩ ଟଙ୍କା ୨୦ ପଇସାରେ ଅଟକି ଯାଇଥିଲା । ଆମେ ଗୃହରେ ପହଞ୍ଚିବା ପର୍ଯ୍ୟନ୍ତ ଏହା କେବଳ ସେତିକି ପରିମାଣ ଦର୍ଶାଉଥିଲା । ଡ୍ରାଇଭର ମିଟର ଦେଖୁଥିଲା ଓ ସେ ଏକ କ୍ଷତିରେ ଥିଲା । ଏତେ ବାଟ ଆସିଲେ ସୁଦ୍ଧା ଏହା କାହିଁକି କେବଳ ୩ ଟଙ୍କା ୨୦ ପଇସା ଦର୍ଶାଉଅଛି ଭାବି ସେ ଆଶ୍ଚର୍ଯ୍ୟ ହେଉଥିଲା । ମୁଁ ଡ୍ରାଇଭରକୁ କହିଲି, ‘‘ମିଟରଟି ଆପେ ଆପେ ବନ୍ଦ ହୋଇଯାଇଛି । ଚିନ୍ତା କର ନାହିଁ । ଯେତିକି ପରିମାଣ ହେବା ଉଚିତ୍, ମୁଁ ସେତିକି ଟଙ୍କା ଦେବି । ମାତ୍ର ମୋ’ ନିକଟରେ ଏବେ କେବଳ ୩ ଟଙ୍କା ୨୦ ପଇସା ଅଛି ।’’ ମୁଁ ମୋ ହାତରୁ ଘଣ୍ଟା ଖୋଲି ଡ୍ରାଇଭରକୁ ଦେଲି ଓ କହିଲି, ‘‘ମୁଁ ଚେନ୍ନାଇରେ ରହେ । ମୁଁ ଆସନ୍ତା ଥର ତୁମ ସହିତ ସାକ୍ଷାତ୍ କରିବା ସମୟରେ ଅବଶିଷ୍ଟ ଟଙ୍କା ପରିଶୋଧ କରିବି ଓ ମୋ’ ଘଣ୍ଟା ଫେରାଇ ନେବି ।’’ ମୋଟ କେତେ ଟଙ୍କା ହୋଇଥିବ ବୋଲି ମୁଁ ତାକୁ ପଚାରିଲି ।

ସେହି ଟ୍ୟାକ୍ସି ଡ୍ରାଇଭର ମୋ’ ଘଣ୍ଟା ଗ୍ରହଣ କଲା ନାହିଁ । ସେ ମୋତେ କେବଳ ପଚାରିଲା, ‘‘ଆପଣ କ’ଣ ଜଣେ ଖ୍ରୀଷ୍ଟିଆନ୍ ?’’ ସେ ମୋତେ କିଛି ଜଳ ମାଗିଲା ଓ ଏହାକୁ ପାନ କରିବା ପରେ ସେ ସେହି ୩ ଟଙ୍କା ୨୦ ପଇସା ସୁଦ୍ଧା ନ ନେଇ ଚାଲିଗଲଣ । ମୁଁ ମୋର ସଦାପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କରୁଥିବାରୁ, ସେ ମୋ’ ପାଇଁ ସେହି ଆଶ୍ଚର୍ଯ୍ୟ କର୍ମ କରିଥିଲେ । କିଛି ବର୍ଷ ପରେ, ସେହି ଟ୍ୟାକ୍ସି ଡ୍ରାଇଭର ମୋ’ ଗୃହକୁ ଆସିଥିଲେ । ସେହି ସମୟରେ, ସେ ମୋ’ ଗୃହ ସମ୍ମୁଖରେ ଗୋଟିଏ ନୂତନ ଓ ସୁନ୍ଦର ଆମ୍ୱାସାଡ଼ର କାର୍ ଦେଖି ଆଶ୍ଚର୍ଯ୍ୟ ହେଲା ଓ ମୋତେ ପଚାରିଲା, ‘‘ଯଦି ଆପଣଙ୍କ ପାଖରେ ଏତେ ସୁନ୍ଦର କାର୍ ଥିଲା, ତେବେ ଆପଣ କାହିଁକି ମୋ’ ଟ୍ୟାକ୍ସିରେ ଯାତ୍ରା କରିଥିଲେ ?’’ ମୁଁ ତାକୁ କହିଲି, ‘‘ସେହି ସମୟରେ, ମୁଁ ଜଣେ ଦରିଦ୍ର ବ୍ୟକ୍ତି ଥିଲି । ସେତେବେଳେ ମୋ’ ନିକଟରେ ୩ ଟଙ୍କା ୨୦ ପଇସାରୁ ଅଧିକ ଟଙ୍କା ନ ଥିଲା । ବର୍ତ୍ତମାନ ମୋର ଈଶ୍ୱର ମୋତେ ଆଶୀର୍ବାଦ କରି ଉନ୍ନତ କରିଛନ୍ତି ।’’

‘‘ବିଶ୍ୱସ୍ତ ଲୋକ ଆଶୀର୍ବାଦରେ ବର୍ଦ୍ଧିଷ୍ଣୁ ହେବ ।’’ ସଦାପ୍ରଭୁ ପରମେଶ୍ୱର ମୋ’ ପରି ଜଣେ ଲୋକକୁ ଗୋଟିଏ ନୂତନ କାର୍‌ର ମାଲିକ କରିଥିଲେ ଯିଏ ଦିନେ ଟ୍ୟାକ୍ସିରେ ଭଡ଼ା ଦେଇ ପାରି ନ ଥିଲା । ବାଇବଲ କହେ, ‘‘ସେଥିପାଇଁ ଆମ୍ଭେ ତୁମ୍ଭ ବଦଳରେ ଲୋକମାନଙ୍କୁ ଓ ତୁମ୍ଭ ପ୍ରାଣର ପରିବର୍ତ୍ତେ ଗୋଷ୍ଠୀଗଣଙ୍କୁ ଦେବା ।’’ ଈଶ୍ୱର କହନ୍ତି, ‘‘ତୁମ୍ଭେ ଆମ୍ଭ ଦୃଷ୍ଟିରେ ବହୁମୂଲ୍ୟ ହୋଇଥିବାରୁ ତୁମ୍ଭେ ସମ୍ମାନ ପାଇଅଛ ।’’

ଈଶ୍ୱର ଅନେକ ଉତ୍ତମ ଲୋକଙ୍କୁ ଆପଣଙ୍କ ନିକଟକୁ ପ୍ରେରଣ କରିବେ । ଲୋକମାନେ ଆପଣଙ୍କର ସ୍ୱାସ୍ଥ୍ୟ ଓ ସୁଖ ବିଷୟରେ ପଚାରିବେ । ଆପଣଙ୍କ ହସ୍ତର ପରିଶ୍ରମ ଦ୍ୱାରା ଆପଣ ଅନେକ ଲୋକଙ୍କୁ ଭୋଜନ କରାଇବେ । ଆପଣଙ୍କ ମୁଖର କଥା ଦ୍ୱାରା ଆପଣ ଅନେକ ଲୋକଙ୍କୁ ସାନ୍ତ୍ୱନା ଦେବେ । ଠିକ୍ ଯେପରି ଦାସମାନଙ୍କର ଚକ୍ଷୁ ସେମାନଙ୍କର କର୍ତ୍ତାମାନଙ୍କର ମୁଖକୁ ଆଶାରେ ଚାହିଁ ରହିଥାଏ, ଠିକ୍ ସେହିପରି ଅନେକେ ଆପଣଙ୍କ ମୁଖ ପ୍ରତି ଦୃଷ୍ଟିପାତ କରିବେ । ଈଶ୍ୱର ଆପଣଙ୍କୁ ଲାଙ୍ଗୁଳ ନୁହେଁ, ମାତ୍ର ମସ୍ତକ କରିବେ । ସେ ଆପଣଙ୍କୁ ତଳକୁ ପକାଇବେ ନାହିଁ, ମାତ୍ର ଉଚ୍ଚକୁ ଉଠାଇବେ । ସେ ଆପଣଙ୍କ ଜୀବନ ବଦଳରେ ଲୋକମାନଙ୍କୁ ଓ ଗୋଷ୍ଠୀଗଣଙ୍କୁ ଦେବେ । ମୁଁ ଯୁବକ ଥିବା ସମୟରେ ନିଜକୁ ପବିତ୍ର ରଖିଥିବାରୁ, ଈଶ୍ୱର ମୋତେ ବର୍ତ୍ତମାନ ଆଶୀର୍ବାଦ କରିଛନ୍ତି ।

ଈଶ୍ୱର ଆପଣଙ୍କୁ ପୂର୍ବରୁ ନିରୂପିତ କରି ଆହ୍ୱାନ କରିଛନ୍ତି । ‘ଆପଣ ଯେ ରାଜକୀୟ ପରିବାରର ଲୋକ ଅଟନ୍ତି’ – ଏହା ଆପଣଙ୍କୁ ପ୍ରଦର୍ଶନ କରିବା ପାଇଁ ସେ ଆପଣଙ୍କ ଉପରେ ଏକ ଚିହ୍ନ ସ୍ଥାପନ କରିଛନ୍ତି ।

୧୯୭୧ ଜୁନ୍ ୨୨ରେ, ଯେତେବେଳେ ମୁଁ ଚେନ୍ନାଇ ସହରର ରାସ୍ତା ଉପରେ ବସିଥିଲି, ସେତେବେଳେ ମୁଁ ଅତି କ୍ଷୁଧିତ ଥିଲି । ସମସ୍ତ ଦୋକାନ ବନ୍ଦ ଥିଲା ଓ ଦୁଇ ଜଣ ପୁଲିସ୍ ମୋ’ ନିକଟକୁ ଆସି କହିଥିଲେ, ‘‘ଉଠ, ଆମ ସହିତ ଆସ ।’’ ‘‘ମୁଁ ରାଜକୀୟ ପରିବାରର ଲୋକ’’ ବୋଲି ସେମାନେ ଜାଣି ନ ଥିଲେ । ସେମାନେ ମୋତେ ପଚାରିଲେ, ‘‘ତୁମେ କାହିଁକି ରାତି ୨ଟାରେ ଏଠାରେ ବସିଅଛ ?’’ ମୁଁ ଉତ୍ତର ଦେଲି, ‘‘ଏଠାରେ ମୋର କେହି ନାହାନ୍ତି । ମାତ୍ର ମୋର ଈଶ୍ୱର ମୋତେ ଏଠିକୁ ଆଣିଅଛନ୍ତି ।’’

ଜଣେ ପୋଲିସ କର୍ମଚାରୀ କହିଲେ, ‘‘ଉଠ, ପୋଲିସ ଷ୍ଟେସନକୁ ଆସ ।’’ ଅନ୍ୟ ଜଣେ କହିଲେ, ‘‘ଅପେକ୍ଷା କର । ଯେତେବେଳେ ମୁଁ ତାଙ୍କ ମୁଖକୁ ଦେଖୁଛି, ସେତେବେଳେ ମୁଁ ଅନୁଭବ କରୁଛି ଯେ ସେ ଗୋଟିଏ ଭଲ ପରିବାରରୁ ଆସିଛନ୍ତି । ସେ ଗୋଟିଏ ଚୋର କିମ୍ୱା ନିଶାସକ୍ତ ବ୍ୟକ୍ତି ଭଳି ଦିଶୁ ନାହାନ୍ତି । ତାଙ୍କୁ ଛାଡ଼ି ଦେବା ଉଚିତ୍ ।’’ ସେମାନେ ଗୋଟିଏ ଉତ୍ତମ ସାକ୍ଷ୍ୟ ପ୍ରଦାନ କରି ମୋତେ ଛାଡ଼ି ଦେଲେ ।

ସଦାପ୍ରଭୁ କହନ୍ତି, ‘‘ତୁମ୍ଭେ ଆମ୍ଭର ବହୁମୂଲ୍ୟ ପୁତ୍ର । ତୁମ୍ଭେ ଆମ୍ଭର ବହୁମୂଲ୍ୟ କନ୍ୟା ।’’ ଈଶ୍ୱର ଆପଣଙ୍କୁ ଅସଂଖ୍ୟ ଲୋକ ପ୍ରଦାନ କରିବେ । ଜଗତର ଲୋକମାନେ ଆପଣଙ୍କୁ ଆପଣଙ୍କର ଭଲ ଓ ମନ୍ଦ ସମୟରେ ସାହାଯ୍ୟ କରିବେ । ସେମାନେ ଆପଣଙ୍କୁ ଅଭିବାଦନ ଓ ପ୍ରଶଂସା କରିବେ । ଈଶ୍ୱରଙ୍କ ବାକ୍ୟ କହେ, ‘‘ଭୟ କର ନାହିଁ, ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ, ଆମ୍ଭେ ତୁମ୍ଭକୁ ତୁମ୍ଭର ନାମ ଦ୍ୱାରା ଆହ୍ୱାନ କରିଅଛୁ । ତୁମ୍ଭେ ଆମ୍ଭର ।’’ ଆପଣ ସେହି ଅପବ୍ୟୟୀ ପୁତ୍ର ସଦୃଶ ହେବା ଅନୁଚିତ । ‘‘ମୁଁ ରାଜକୀୟ ପରିବାରର’’ – ଏହି ବାକ୍ୟର ଅର୍ଥକୁ ସେ ବହୁ ବିଳମ୍ୱରେ ବୁଝିଥିଲା ।

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

**ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୨୧ ଫେବୃୟାରୀ ୧୯ ରୁ ମାର୍ଚ୍ଚ ୧୮ ପର୍ଯ୍ୟନ୍ତ)**

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

## ପ୍ରଶଂସାର ବିଷୟ

ଫେବୃୟାରୀ-୧୯ ଈଶ୍ୱର ଆମର ରବିବାର ଉପାସନାକୁ ଆଶୀର୍ବାଦ କରିଥିଲେ ।

ଫେବୃୟାରୀ-୨୦ ଈଶ୍ୱର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକୁ ଓ ଏଗୁଡ଼ିକର ବିଶ୍ୱାସୀମାନଙ୍କୁ ଆଶୀର୍ବାଦ କରିଥିଲେ ।

ଫେବୃୟାରୀ-୨୧ ଈଶ୍ୱର ଆମର ମୁଖ୍ୟ ଉପାସନାଳୟରେ ଆମର ମହିଳା ସଭାକୁ ଆଶୀର୍ବାଦ କରିଥିଲେ ।

ଫେବୃୟାରୀ-୨୨ ଆମର ସାହାଯ୍ୟକାରୀମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଫେବୃୟାରୀ-୨୩ ଈଶ୍ୱର ଆମ ଛାପାକଳରେ ମୁଦ୍ରିତ ଓ ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରିତ ହେଉଥିବା ଆମର ୧୬ଟି ଭାଷାର ପତ୍ରିକା ଉପରେ ଆଶୀର୍ବାଦ କରିଛନ୍ତି ।

ଫେବୃୟାରୀ-୨୪ ଈଶ୍ୱର ମଣିପୁରୀ ଭାଷାରେ 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ଆରମ୍ଭ କରିବାରେ ସାହାଯ୍ୟ କରିଛନ୍ତି ।

ଫେବୃୟାରୀ-୨୫ ଅନ୍ୟ ଚାରୋଟି ଭାଷାରେ ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକାକୁ ପ୍ରକାଶ କରିବା ପାଇଁ ଆମର ଯେଉଁ ଦର୍ଶନ ରହିଛି, ସେଥିପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଫେବୃୟାରୀ-୨୬ ଆମର ସମସ୍ତ ସହଯୋଗୀ ସମ୍ପାଦକ ଓ ସେମାନଙ୍କ ପରିବାରର ସଦସ୍ୟମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ଫେବୃୟାରୀ-୨୭ ଈଶ୍ୱର ଏହି ମହାମାରୀ ସମୟରେ ସୁଦ୍ଧା ଆମ ସେବାକାର୍ଯ୍ୟ ଅବ୍ୟାହତ ରଖିଥିବାରୁ ତାଙ୍କର ପ୍ରଶଂସା କରନ୍ତୁ ।

ଫେବୃୟାରୀ-୨୮ ଈଶ୍ୱର ଆମର ମୁଖ୍ୟ ଉପାସନାଳୟରେ ପୁରୁଷମାନଙ୍କ ସଭାକୁ ଆଶୀର୍ବାଦ କରିଥିଲେ ।

ମାର୍ଚ୍ଚ -୧ ଈଶ୍ୱର ଗତମାସ ଆମର ''ଆହ୍ୱାନର ପ୍ରତିଧ୍ୱନି''ର ସମସ୍ତ କାର୍ଯ୍ୟକ୍ରମ ଉପରେ ଆଶୀର୍ବାଦ କରିଥିଲେ ।

ମାର୍ଚ୍ଚ -୨ ଆମେ ଆମ ମିଶନ କ୍ଷେତ୍ରରୁ ସୁସମ୍ବାଦ ପାଉଅଛୁ ।

ମାର୍ଚ୍ଚ -୩ ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍.ସାମ୍ ସେଲ୍ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି ।

## ପ୍ରାର୍ଥନାର ବିଷୟ

ମାର୍ଚ୍ଚ -୪ ଈଶ୍ୱର ଯେପରି ଏହି ମାସ ''ଆହ୍ୱାନର ପ୍ରତିଧ୍ୱନି''କୁ ଆବଶ୍ୟକୀୟ ଅର୍ଥ ଯୋଗାଇବେ ।

ମାର୍ଚ୍ଚ -୫ ପୃଥିବୀର ସମସ୍ତ ଦେଶରୁ କରୋନା ମହାମାରୀ ଯେପରି ଦୂର ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୬ କରୋନା ମହାମାରୀରେ ନିଜ ନିଜ ପ୍ରିୟଜନମାନଙ୍କୁ ହରାଇଥିବା ଦୁଃଖଗ୍ରସ୍ତ ପରିବାରଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୭ ଆମର ଇଂରାଜୀ ସହଯୋଗୀ ସଂପାଦକ, ଭାଇ ଏମ୍. ପଲ୍‌ରାଜଙ୍କର ସଂପୂର୍ଣ୍ଣ ସୁସ୍ଥତା ପାଇଁ ପ୍ରାର୍ଥନା ଅବ୍ୟାହତ ରଖନ୍ତୁ ।

ମାର୍ଚ୍ଚ -୮ ଆମ ମିଶନ କ୍ଷେତ୍ରର କାର୍ଯ୍ୟକାରୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୯ ପୃଥିବୀର ସମସ୍ତ ଆତ୍ମିକ ନେତାମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୧୦ ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ହେଉଥିବା ହିଂସାଚରଣର ଦୂରୀକରଣ ପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୧୧ ଆମର ମଣିପୁରୀ ଭାଷାର ସହଯୋଗୀ ସଂପାଦକ, ରେଭ୍.ଡଃ. ରଷିକାନ୍ତ ସୋରୋଖାଇବାମ୍‌ଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୧୨ ଈଶ୍ୱର ଯେପରି ଆମ 'ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ' ପାଇଁ ଅଧିକ ସମର୍ପିତ କାର୍ଯ୍ୟକାରୀମାନଙ୍କୁ ଯୋଗାଇବେ ।

ମାର୍ଚ୍ଚ -୧୩ ସମସ୍ତ ଖ୍ରୀଷ୍ଟିଆନ ସଂସ୍ଥା ନିମନ୍ତେ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୧୪ ଈଶ୍ୱର ଯେପରି ଆମର ସଂଯୋଜକ ଓ ପାଳକମାନଙ୍କୁ ନୂତନ ଶକ୍ତି ଯୋଗାଇବେ ।

ମାର୍ଚ୍ଚ -୧୫ ଆମର ପ୍ରାର୍ଥନା ସାଥୀ, ଦାନ ଦେଉଥିବା ସାଥୀ, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୧୬ ଆମ ସେବାକାର୍ଯ୍ୟର ଅର୍ଥନୈତିକ ଆବଶ୍ୟକତା ନିମନ୍ତେ ପ୍ରାର୍ଥନା କରନ୍ତୁ ।

ମାର୍ଚ୍ଚ -୧୭ ଈଶ୍ୱର କୋଭିଡ୍ - ୧୯ ସମୟରେ ଆମ ''ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ''ର ସମସ୍ତ କାର୍ଯ୍ୟକଳାପ ଉପରେ ଆଶୀର୍ବାଦ କରିଥିଲେ ।

ମାର୍ଚ୍ଚ -୧୮ ଈଶ୍ୱର ଯେପରି ଆମର ବରିଷ୍ଠ ପାଳକ ଏସ୍. ସାମ୍. ସେଲ୍ଭାରାଜ୍ ଓ ତାଙ୍କର ପରିବାରକୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ଦେବା ଅବ୍ୟାହତ ରଖିବେ ।

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ବର୍ତ୍ତମାନ ହିଁ ସଚେତନ ହୁଅନ୍ତୁ । ଆପଣ ରାଜକୀୟ ପରିବାରର ଅଟନ୍ତି । ବାଇବଲ କହେ, ‘‘କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର, ଏଥି ନିମନ୍ତେ ତୁମ୍ଭେମାନେ ଏକ ମନୋନୀତ ବଂଶ, ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କର ନିଜସ୍ୱ ପ୍ରଜା ହୋଇଅଛ’’ (୧ ପିତର ୨:୯) । ଆପଣ ବିଶେଷ ଲୋକ ଅଟନ୍ତି । ସଦାପ୍ରଭୁ ତାଙ୍କ ଦୂତମାନଙ୍କୁ ଆପଣଙ୍କର ଦାୟିତ୍ୱ ଦେବେ ଓ ଆପଣଙ୍କୁ ସୁରକ୍ଷା ଦେବେ ।

ଆମର ଈଶ୍ୱର ତାଙ୍କ ଚକ୍ଷୁର ପିତୁଳା ପରି ଆପଣଙ୍କର ଯତ୍ନ ନେବେ । ଆପଣଙ୍କର ପାଦ ଯେପରି ପଥରରେ ନ ବାଜିବ, ଏଥିପାଇଁ ସେ ଯତ୍ନ ନେବେ । ସେ ଆପଣଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବେ । ଆଜି ଯଦି ଆପଣ କୌଣସି ବିଷୟରେ ଭୟଭୀତ ଅଟନ୍ତି, ତେବେ ଲୋକମାନଙ୍କର କଥା ଶୁଣନ୍ତୁ ନାହିଁ । ଜଗତ ଆପଣଙ୍କୁ ଭୟଭୀତ କରାଇବ । ଈଶ୍ୱର ଯାହା କହନ୍ତି, ତାହା ଶୁଣନ୍ତୁ : ‘‘ଭୟ କର ନାହିଁ, ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ, ଆମ୍ଭେ ତୁମ୍ଭକୁ ତୁମ୍ଭର ନାମ ଧରି ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର ।’’

ବର୍ତ୍ତମାନ ଆପଣ ନିଶ୍ଚିନ୍ତ ଭାବରେ ଏହା କହନ୍ତୁ, ‘‘ମୁଁ ଯୀଶୁଙ୍କର ଅଟେ ।’’ ସେ ଆପଣଙ୍କୁ ନିଜର ଚକ୍ଷୁର ପିତୁଳା ପରି ସୁରକ୍ଷା ଦେବେ । ଆପଣ ଚାଲିବା ସମୟରେ, ସେ ଆପଣଙ୍କୁ ସୁରକ୍ଷା ଦେବେ । ସେ ଆପଣଙ୍କ ଜୀବନର ସମସ୍ତ ଆବଶ୍ୟକତାର ଯତ୍ନ ନେବେ ଓ ସେ ଆପଣଙ୍କୁ ଅନେକ ଲୋକ ପ୍ରଦାନ କରିବେ ।

ଯେତେବେଳେ ଆମେ ୧୬ଟି ଭାଷାରେ ଆମର ସେବାକାର୍ଯ୍ୟ କରୁଥିଲୁ, ସେତେବେଳେ ଈଶ୍ୱର ମୋତେ କହିଥିଲେ, ‘‘ତୁମକୁ ଅନ୍ୟ ଭାଷାବାଦୀମାନଙ୍କ ନିକଟରେ ମଧ୍ୟ ସେବାକାର୍ଯ୍ୟ କରିବାକୁ ହେବ ।’’ ଏହା କେଉଁ ଭାଷା ହେବ ବୋଲି ମୁଁ ଜାଣି ନ ଥିଲି । ମଣିପୁରର ଜଣେ ପାଳକ ମୋ’ ନିକଟକୁ ଆସି କହିଥିଲେ, ‘‘ଆମେ ମଣିପୁରରୁ ଆପଣଙ୍କର ପତ୍ରିକା ପ୍ରକାଶ କରିବା ପାଇଁ ପ୍ରସ୍ତୁତ ଅଟୁ । ଆପଣ ସେଥିପାଇଁ, ଦୟାକରି ଅନୁମତି ଦିଅନ୍ତୁ ।’’ ଈଶ୍ୱର ଆଶ୍ଚର୍ଯ୍ୟଜନକ ଭାବରେ ମଣିପୁରୀ ଭାଷାରେ ଆମର ‘‘ଆହ୍ୱାନର ପ୍ରତିଧ୍ୱନି’’ ପତ୍ରିକା ପ୍ରକାଶ କରିବାରେ ସାହାଯ୍ୟ କରିଥିଲେ । ବର୍ତ୍ତମାନ ଈଶ୍ୱର ମଣିପୁରରେ ମଧ୍ୟ ଶକ୍ତିର ସହିତ କାର୍ଯ୍ୟ କରୁଛନ୍ତି ।

ଈଶ୍ୱରଙ୍କ ବାକ୍ୟ ଏହିପରି ଭାବରେ କାର୍ଯ୍ୟ କରେ । ‘‘ତୁମ୍ଭର ପ୍ରାଣ ପରିବର୍ତ୍ତରେ, ଆମ୍ଭେ ତୁମ୍ଭକୁ ଲୋକମାନଙ୍କୁ ଓ ଗୋଷ୍ଠୀଗଣଙ୍କୁ ଦେବା ।’’ ହଁ, ମୋର ପ୍ରିୟ ବନ୍ଧୁଗଣ, ପ୍ରଭୁଙ୍କ ପ୍ରତି ଆପଣମାନଙ୍କ ସମର୍ପଣର ପ୍ରତି ବଦଳରେ, ଈଶ୍ୱର ଆପଣଙ୍କୁ ଏପରି ଲୋକମାନଙ୍କୁ ଦେବେ ଯେଉଁମାନେ ବିଭିନ୍ନ ଭାଷାବାଦୀ ଓ ବିଭିନ୍ନ ସଂସ୍କୃତିର ଲୋକ ଅଟନ୍ତି । ଆମର ପ୍ରଭୁ ଆମ ନିକଟରେ ତାହା ହିଁ ପ୍ରତିଜ୍ଞା କରିଛନ୍ତି ।

ଆପଣ ଈଶ୍ୱରଙ୍କ ଲୋକ ଅଟନ୍ତି । ଆପଣ ତାଙ୍କୁ ଆପଣଙ୍କର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଛନ୍ତି । ଆପଣ ତାଙ୍କର ସନ୍ତାନ ଅଟନ୍ତି । ଆପଣ ତାଙ୍କର ଦୟା ଓ ପ୍ରେମ ପାଇଛନ୍ତି । ଆପଣ ଆପଣଙ୍କ ମାତାର ଉଦରରେ ଥିବା ସମୟରେ, ସେ ଆପଣଙ୍କୁ ମନୋନୀତ କରିଛନ୍ତି । କିଛି ଆଶ୍ଚର୍ଯ୍ୟକର୍ମ କରିବା ପାଇଁ ସେ ଆପଣଙ୍କୁ ବ୍ୟବହାର କରିବେ । ‘‘ତୁମ୍ଭେ ଜଳ ମଧ୍ୟ ଦେଇ ଯିବା ବେଳେ ଆମ୍ଭେ ତୁମ୍ଭର ସଙ୍ଗୀ ହେବା, ନଦନଦୀ ମଧ୍ୟରେ ଗମନ କଲେ, ସେ ସବୁ ତୁମ୍ଭକୁ ମଗ୍ନ କରିବ ନାହିଁ, ତୁମ୍ଭେ ଅଗ୍ନି ମଧ୍ୟରେ ଗମନ କରିବା ବେଳେ ଦଗ୍ଧ ନୋହିବ, କିଅବା ଅଗ୍ନି ଶିଖା ତୁମ୍ଭର ଦାହ ଜନ୍ମାଇବ ନାହିଁ ।’’ ‘‘ତୁମ୍ଭେ ଆମ୍ଭର ବହୁମୂଲ୍ୟ ପୁତ୍ର, ତୁମ୍ଭେ ଆମ୍ଭର ବହୁମୂଲ୍ୟ କନ୍ୟା ଅଟ ।’’ ପ୍ରଭୁ ଆମର ସେବାକାର୍ଯ୍ୟ ଦେଖି ଖୁସି ହୁଅନ୍ତି । ପ୍ରଭୁ ଆପଣଙ୍କ ପ୍ରତି ମଧ୍ୟ ଦୃଷ୍ଟିପାତ କରି କହନ୍ତି, ‘‘ତୁମ୍ଭେ ଆମ୍ଭର ବହୁମୂଲ୍ୟ ପୁତ୍ର, ତୁମ୍ଭେ ଆମ୍ଭର ବହୁମୂଲ୍ୟ କନ୍ୟ ଅଟ ।’’

ନିଜକୁ କୌଣସି ପ୍ରକାରେ ହୀନ ମଣନ୍ତୁ ନାହିଁ । ଆପଣ ରାଜକୀୟ ପରିବାରର ବୋଲି ସ୍ମରଣ କରନ୍ତୁ । ସେହି ଅପବ୍ୟୟୀ ପୁତ୍ର ଯେପରି ‘‘ମୁଁ ରାଜକୀୟ ପରିବାରର’’ ଅର୍ଥକୁ ବୁଝିଥିଲା ଓ ଅନୁତାପପୂର୍ବକ ନିଜ ପିତାମାତାଙ୍କ ନିକଟକୁ ଫେରି ଆସିଥିଲା, ସେହିପରି ଆପଣ ମଧ୍ୟ ଆଜି ଅନୁତାପ କରିବା ଉଚିତ୍ । ଦୟାକରି ଏହା ବୁଝନ୍ତୁ ଯେ ଯୀଶୁଙ୍କ ରକ୍ତ ଆମ ମଧ୍ୟରେ ପ୍ରବାହିତ ହେଉଅଛି । ଆପଣ ତାଙ୍କ ରକ୍ତର ଦୁର୍ଗ ମଧ୍ୟକୁ ଆସିଛନ୍ତି । ଆପଣଙ୍କ ନିକଟକୁ କୌଣସି କ୍ଷତି ଆସିବ ନାହିଁ । ଆପଣଙ୍କ ଜୀବନରେ ଉତ୍ତମ ବିଷୟ ଘଟିବ । ଆପଣ ଅନ୍ୟମାନଙ୍କୁ ଋଣ ଦେବେ, ମାତ୍ର ନିଜେ ଋଣ ଆଣିବେ ନାହିଁ । ପବିତ୍ର ପିତା, ଆପଣଙ୍କୁ ଧନ୍ୟବାଦ । ‘‘ଅତଏବ ଈଶ୍ୱରଙ୍କ ବଳବନ୍ତ ହସ୍ତ ତଳେ ଆପଣା ଆପଣାକୁ ନତ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ’’ (୧ ପିତର ୫:୬) ।

# କ୍ଷେତ୍ର ସମାଚାର

## (Field Report)

ସର୍ବପ୍ରଥମେ ଆମେ (ପଞ୍ଜାବରୁ ଆମର ସମଗ୍ର ମାରାର୍ଣ୍ଡୁ ପରିବାର) ଆମର ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପବିତ୍ର ଓ ଶକ୍ତିପୂର୍ଣ୍ଣ ନାମରେ ଆପଣମାନଙ୍କୁ ନୂତନ ବର୍ଷ – ୨୦୨୧ ପାଇଁ ଅନେକ ଅନେକ ଶୁଭକାମନା ଜଣାଉଅଛୁ ।

ମୁଁ ବ୍ୟକ୍ତିଗତ ଭାବରେ ଆପଣଙ୍କର ଇ–ମେଲ ଓ ଏହା ମଧ୍ୟରେ ଥିବା ଉତ୍ସାହପ୍ରଦ ଲେଖା ପାଇଁ ବିଶେଷ ଆନନ୍ଦିତ ଓ ଆଶୀର୍ବାଦପ୍ରାପ୍ତ ଅଟେ । ଏହି ବାକ୍ୟଗୁଡ଼ିକ ବାସ୍ତବରେ ସଦାପ୍ରଭୁ ପରମେଶ୍ୱର ଓ ତାଙ୍କ ପବିତ୍ର ବାକ୍ୟ ଉପରେ ବିଶ୍ୱାସ କରିବାରେ ଅଧିକରୁ ଅଧିକ ବଳିଷ୍ଠ ହେବା ପାଇଁ ଆମକୁ ପ୍ରେରଣା ଦିଏ ।

ଆମେ ଉଭୟେ (ମୁଁ ଓ ମୋର ପ୍ରିୟତମା ପତ୍ନୀ ନିଲମ୍ କୌର୍ ମାରାର୍ଣ୍ଡୁ) ଆନନ୍ଦର ସହିତ ଆପଣମାନଙ୍କୁ ଜଣାଉଅଛୁ ଯେ ୨୦୨୦ ଡିସେମ୍ବରରେ, ପ୍ରଭୁ ଯୀଶୁ ଏପରି ନୂତନ ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କ ରାଜ୍ୟର ସୁସମାଚାର ପ୍ରସାର କରିବା ପାଇଁ ଆମକୁ ବ୍ୟବହାର କରିଥିଲେ, ଯେଉଁମାନେ ପ୍ରଭୁ ଯୀଶୁଙ୍କ ନାମ ବିଷୟରେ କିଛି ଜାଣି ନ ଥିଲେ ।

ସଦାପ୍ରଭୁ ପରମେଶ୍ୱର ଅତିରିକ୍ତ ଥଣ୍ଡା ପାଗରେ ଓ ଭୟଙ୍କର ଶୀତ ମଧ୍ୟରେ, ଆମ ପଞ୍ଜାବ ରାଜ୍ୟରେ ୧୪ଟି ପ୍ରାର୍ଥନା ସଭାରେ ତାଙ୍କର ପବିତ୍ର ବାକ୍ୟ ପ୍ରଚାର କରିବାରେ ଆମକୁ ସାହାଯ୍ୟ କରିଥିଲେ । ତାଙ୍କର ପବିତ୍ର ନାମ (ଯୀଶୁ)ର ପ୍ରଶଂସା ଓ ଗୌରବ ହେଉ ।

ଆମେ ସେହି ସଦାପ୍ରଭୁ ପରମେଶ୍ୱର, ଆମର ସ୍ୱର୍ଗସ୍ଥ ପିତାଙ୍କର ମଧ୍ୟ ଧନ୍ୟବାଦ ଓ ପ୍ରଶଂସା କରୁଅଛୁ ଯିଏ ଆମକୁ ଆମର ସମସ୍ତ କ୍ଳେଶରେ ସାନ୍ତ୍ୱନା ଦିଅନ୍ତି ଯେପରିକି ଆମେ କ୍ଳେଶରେ ଥିବା ଲୋକମାନଙ୍କୁ ସାନ୍ତ୍ୱନା ଦେବା ପାଇଁ ସମର୍ଥ ହେବୁ (୨ କରିନ୍ଥୀୟ ୧:୩–୪) । ସେ ଆମକୁ ପ୍ରତିଦିନ ବିଜୟୀ ଭାବରେ ଚାଲିବାରେ ମଧ୍ୟ ସାହାଯ୍ୟ କରନ୍ତି ।

ଆମେ ଆପଣଙ୍କ ପାଇଁ, ଆପଣଙ୍କ ପରିବାର ପାଇଁ ଓ ୧୯୬୯ରୁ ବିଶ୍ୱସ୍ତ ଭାବରେ କରି ଆସୁଥିବା ଆପଣଙ୍କ ସେବାକାର୍ଯ୍ୟ ପାଇଁ ନିରନ୍ତର ପ୍ରାର୍ଥନା କରୁଅଛୁ । ଆମେ ସୁନିଶ୍ଚିତ ଅଟୁ ଯେ, ଆମର ସଦାପ୍ରଭୁ ପରମେଶ୍ୱର ପ୍ରଭୁ ଯୀଶୁଙ୍କ ନାମରେ ଆପଣଙ୍କୁ ଆପଣଙ୍କର ସମସ୍ତ ଆବଶ୍ୟକତା ଯୋଗାଇବେ । ତାଙ୍କ ରାଜ୍ୟରେ କୌଣସି ବିଷୟର ଅଭାବ ନାହିଁ । ତାଙ୍କଠାରେ ଓ ତାଙ୍କ ପବିତ୍ର ବାକ୍ୟରେ ଆମର ସଂପୂର୍ଣ୍ଣ ବିଶ୍ୱାସ ଅଛି । ସେ ସମସ୍ତ ଅସମ୍ଭବକୁ ସମ୍ଭବରେ ପରିଣତ କରିବା ପାଇଁ ଯୋଗ୍ୟ ଅଟନ୍ତି ଓ ତାଙ୍କ ପାଇଁ କୌଣସି ବିଷୟ କଷ୍ଟକର କିମ୍ବା ଅସମ୍ଭବ ନୁହେଁ ।

***ରେଭ୍.ଶାନ୍‌ଶେର୍ ସିଂ ମାରାର୍ଣ୍ଡୁ, ପଞ୍ଜାବ***

# ସମସ୍ତ ଧର୍ମକର୍ମ ସଫଳ କରିବା ନିମନ୍ତେ

## (TO FULFILL ALL RIGHTEOUSNESS !)

ତିବେରିଅସ୍ କାଇସରଙ୍କର ରାଜତ୍ୱର ୧୫ତମ ବର୍ଷରେ କିମ୍ବା ଆମ ବର୍ତ୍ତମାନର ସମୟ ନିରୂପଣ ପଦ୍ଧତି ଅନୁସାରେ, ୩୦ ଖ୍ରୀ:ଅ:ରେ, ଈଶ୍ୱରଙ୍କ ବାକ୍ୟ ଜିଖରିୟ ଓ ଏଲୀଶାବେଥ୍‌ଙ୍କ ପୁତ୍ରଙ୍କ ନିକଟରେ ଉପସ୍ଥିତ ହେଲା (ଲୂକ ୩:୧-୧୩) । ଏହାପରେ ସେ ପାପରୁ ମନଃ ପରିବର୍ତ୍ତନ ଓ ବାପ୍ତିସ୍ମର ବାର୍ତ୍ତା ପ୍ରଚାର କରିବା ଆରମ୍ଭ କଲେ । ତାଙ୍କ ନାମ ଯୋହନ ଥିଲା । ତାଙ୍କୁ ''ବାପ୍ତିଜକ ଯୋହନ'' ବୋଲି ମଧ୍ୟ କୁହାଯାଉଥିଲା । ଯର୍ଦ୍ଦନ ନଦୀ ନିକଟସ୍ଥ ଅଞ୍ଚଳର ଅନେକ ଲୋକ ଆସି ତାଙ୍କ ବାକ୍ୟ ପ୍ରତି ମନୋଯୋଗୀ ହେଉଥିଲେ ଓ ନିଜ ନିଜର ପାପ ପାଇଁ ଅନୁତାପ କରୁଥିଲେ । ଅନୁତାପ ମଧ୍ୟରେ ଅତୀତର ପାପ ପାଇଁ ଦୁଃଖ ଅନୁଭବ କରିବା (୨ କରିନ୍ଥୀୟ ୭:୧୦) ଓ ଧାର୍ମିକ ଭାବରେ ଜୀବନ କାଟିବା ପାଇଁ ଏକ ଦୃଢ଼ ପରିବର୍ତ୍ତନ ଆଣିବା ଅନ୍ତର୍ଭୁକ୍ତ ଥିଲା (ପ୍ରେରିତ ୩:୧୯, ୨୬:୨୦) । ଅନୁତାପ କରିବା ପରେ ସେମାନେ ସେମାନଙ୍କର ପାପ ସ୍ୱୀକାର କରୁଥିଲେ ଓ ଯୋହନ ସେମାନଙ୍କୁ ଯର୍ଦ୍ଦନ ନଦୀରେ ବାପ୍ତିସ୍ମ ଦେଉଥିଲେ (ମାଥିଉ ୩:୫-୬) । ''ବାପ୍ତିସ୍ମ'' ଶବ୍ଦ ଜଳ ମଧ୍ୟରେ ସଂପୂର୍ଣ୍ଣ ଭାବରେ ବୁଡ଼ିଯିବା ପ୍ରତି ସୂଚିତ କରେ ।

''ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ । କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟା କରି କହିଲେ, ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ, ଆଉ ଆପଣ ମୋʼ ନିକଟକୁ ଆସୁଅଛନ୍ତି ? ମାତ୍ର ଯୀଶୁ ତାଙ୍କୁ ଉତ୍ତର ଦେଲେ, ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ, ସେଥିରେ ସେ ତାହାଙ୍କ କଥାରେ ସମ୍ମତ ହେଲେ ।

ଯୋହନଙ୍କ ଉଦ୍ଦେଶ୍ୟ ଥିଲା, ଜଗତର ଆତ୍ମିକ ତ୍ରାଣକର୍ତ୍ତା ମସୀହଙ୍କ ପାଇଁ ପଥ ପ୍ରସ୍ତୁତ କରିବା (ଲୂକ ୭:୨୭ ଓ ମଲାଖି ୩:୧) । ଯୀଶୁଙ୍କର ସେହି ବିଶେଷ ଗୁଣକୁ ଚିହ୍ନି, ଯୋହନ ଏହା ଅନୁଭବ କରିଥିଲେ ଯେ ଯଦି ଯୀଶୁ ତାଙ୍କୁ ବାପ୍ତିସ୍ମ ଦେବେ, ତେବେ ଅଧିକ ଉପଯୁକ୍ତ ହେବ । ଯୋହନଙ୍କ ପାଇଁ, ଯୀଶୁଙ୍କର ଅନୁରୋଧ ସେହି ଘଟଣାର ବିପରୀତ ଥିଲା ଯାହା ପ୍ରକୃତରେ ଘଟିବା ଉଚିତ ଥିଲା । ମାତ୍ର ଯୀଶୁ ଈଶ୍ୱରଙ୍କ ଇଚ୍ଛା ଜାଣିଥିଲେ । ସେ ଏହା ଜାଣିଥିଲେ ଯେ ତାଙ୍କୁ ତାଙ୍କର ପ୍ରକାଶ୍ୟ ସେବା କାର୍ଯ୍ୟର ଆରମ୍ଭରେ ବୁଡ଼ିବାକୁ (ବାପ୍ତିସ୍ମ ନେବାକୁ) ହେବ (ଲୂକ ୩:୨୧-୨୩) । ପୁଣି ସେ ଏହାର କାରଣ ଯୋହନଙ୍କୁ କହିଥିଲେ : ସମସ୍ତ ଧର୍ମକର୍ମ ସାଧନ କରିବା ଉପଯୁକ୍ତ ଅଟେ । ସେଥିପାଇଁ ଯୋହନ ଯୀଶୁଙ୍କୁ ଯର୍ଦ୍ଦନ ନଦୀରେ ବାପ୍ତିସ୍ମ ଦେଉଥିଲେ (ମାର୍କ ୧:୯-୧୦) । ମାତ୍ରଯୀଶୁ ସେହି ବାକ୍ୟ ଦ୍ୱାରା ପ୍ରକୃତରେ କʼଣ ସୂଚାଇ ଥିଲେ ? ନିଜ ପ୍ରକାଶ୍ୟ ସେବାକାର୍ଯ୍ୟର ଆରମ୍ଭରେ ବାପ୍ତିସ୍ମ ନେଇ ଯୀଶୁ ସମସ୍ତ ଧର୍ମକର୍ମ ସାଧନ କରିବାରେ, ଅନ୍ତତଃ, ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପନ୍ନ କରିଥିଲେ ।

### ଯୀଶୁ ଖ୍ରୀଷ୍ଟ ଈଶ୍ୱରଙ୍କର ବାଧ୍ୟ ହୋଇଥିଲେ

ଉପଯୁକ୍ତ ସମୟ ଆସିବାରୁ, ଈଶ୍ୱର କେବଳ ମୋଶାଙ୍କ ବ୍ୟବସ୍ଥାନୁସାରେ ଜୀବନ କାଟୁଥିବା ଯିହୁଦୀମାନଙ୍କୁ ନୁହେଁ, ମାତ୍ର ସମସ୍ତ ଲୋକଙ୍କୁ ମଧ୍ୟ ପରିତ୍ରାଣ ଦେବା ପାଇଁ ନିଜର ପୁତ୍ରଙ୍କୁ ଜଗତ ମଧ୍ୟକୁ ପ୍ରେରଣ କରିଥିଲେ (ଯୋହନ ୩:୧୬, ରୋମୀୟ ୪:୭, ୫:୨, ଗାଲାତୀୟ ୪:୪, ଏବ୍ରୀ ୨:୯-୧୦) । ଯୀଶୁ ଜଗତର ପାପ ସବୁ ବହି ନେଇ ଯିବା ପାଇଁ ନିଷ୍ପାପ ବଳି ଭାବରେ ଈଶ୍ୱରଙ୍କ ଯୋଜନାକୁ ସଫଳ କରିଥିଲେ । ସେପରି କରିବା ପାଇଁ, ତାଙ୍କୁ ବ୍ୟବସ୍ଥା ଅନୁସାରେ ସିଦ୍ଧ ହେବାକୁ ଓ ଈଶ୍ୱରଙ୍କ ପ୍ରତି ବାଧ୍ୟତାରେ ସିଦ୍ଧ ହେବାକୁ ପଡ଼ିଥିଲା (ଏବ୍ରୀ ୫:୮-୯, ୧ ପିତର ୧:୧୮-୧୯) । ଯୀଶୁ ଏହା ସ୍ୱୀକାର କରିଥିଲେ ଯେ ଏହା ସେହିପରି ଘଟିଥିଲା (ଯୋହନ ୪:୩୪, ୧୪:୩୧, ୧୫:୧୦, ଏବ୍ରୀ ୧୦:୯) । ସେ ଈଶ୍ୱରଙ୍କ କାର୍ଯ୍ୟକୁ କାର୍ଯ୍ୟକାରୀ କରିଥିଲେ (ଯୋହନ ୯:୪) ଓ ସେ ଯେଉଁ ବାକ୍ୟ କହନ୍ତୁ ବୋଲି ଈଶ୍ୱର ଚାହୁଁଥିଲେ, ସେ ସେହି ବାକ୍ୟ କହୁଥିଲେ (ଯୋହନ ୧୨:୪୮-୫୦) । ସେ ମୃତ୍ୟୁ ପର୍ଯ୍ୟନ୍ତ ସୁଦ୍ଧା ଆଜ୍ଞାବହ ଥିଲେ (ଫିଲିପ୍ପୀୟ ୨:୮) ଓ ତାଙ୍କର ପୁନରୁତ୍ଥାନ ଓ ଈଶ୍ୱରଙ୍କ ଅନୁଗ୍ରହ ସହିତ ତାଙ୍କର ବାଧ୍ୟତା (ପ୍ରେରିତ ୧:୨୨, ରୋମୀୟ ୩:୨୪-୨୫, ୬:୫-୧୧, ଏଫିସୀୟ ୨:୫-୮, ୧ ପିତର ୧:୩-୪) ସମସ୍ତ ଲୋକଙ୍କ ପାଇଁ ପରିତ୍ରାଣକୁ ଉପଲବ୍ଧ କରିଥିଲା (ରୋମୀୟ ୫:୧୯-୨୧, ୨ କରିନ୍ଥୀୟ ୫:୧୫, ଗାଲାତୀୟ ୩:୭-୮, ଏବ୍ରୀ ୫:୮-୯, ତୀତସ ୨:୧୧) ।

ଯୀଶୁ ବିଶ୍ୱସ୍ତ ଓ ପାପଶୂନ୍ୟ ଥିଲେ ଓ ଅଟନ୍ତି (ଏବ୍ରୀ ୨:୧୭, ୩:୨, ୪:୧୫, ୧ ପିତର ୨:୨୨) । ପାପଶୂନ୍ୟ ହୋଇଥିବାରୁ ବାପ୍ତିସ୍ମ ପୂର୍ବରୁ ଅନୁତାପ କରିବା କିମ୍ବା ପାପ ସ୍ୱୀକାର କରିବା ତାଙ୍କ ପାଇଁ ଆବଶ୍ୟକ ନ ଥିଲା । ମାତ୍ର ତାଙ୍କର ବାପ୍ତିସ୍ମ ଅନିବାର୍ଯ୍ୟ ଥିଲା । ଆମେ ଅନେକ ବିଷୟରୁ ଏହାର ଗୁରୁତ୍ୱ ଦେଖୁ । ସମସ୍ତ ଧର୍ମକର୍ମ ସାଧନ କରିବା ନିମନ୍ତେ ସେ ଏହା ଉପରେ ଗୁରୁତ୍ୱ ଦେଇଥିଲେ । ଆହୁରି ମଧ୍ୟ, ଯୀଶୁଙ୍କ ବାପ୍ତିସ୍ମ ପରେ, ବାପ୍ତିଜକ ଯୋହନ ଏହି ସାକ୍ଷ୍ୟ ଦେବା ପାଇଁ ସମର୍ଥ ଥିଲେ ଯେ ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି : ''ତହିଁ ଆରଦିନ ସେ ଯୀଶୁଙ୍କୁ ନିଜ ପାଖକୁ ଆସୁଥିବା ଦେଖି କହିଲେ, ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନେଇ ଯାଆନ୍ତି । ମୋʼ ଉତ୍ତାରେ ଯେ ଆସୁଅଛନ୍ତି, ସେ ମୋର ପୂର୍ବରେ ଥିଲେ, ଯାହାଙ୍କ ବିଷୟରେ ମୁଁ ଏହା କହିଥିଲି, ସେ ଏହି । ମୁଁ ମଧ୍ୟ ତାହାଙ୍କୁ ଚିହ୍ନି ନ ଥିଲି, କିନ୍ତୁ ସେ ଯେପରି ଇସ୍ରାଏଲ ନିକଟରେ ପ୍ରକାଶିତ ହୁଅନ୍ତି, ଏଥି ସକାଶେ ମୁଁ ଜଳରେ ବାପ୍ତିସ୍ମ ଦେବାକୁ ଆସିଅଛି । ଆଉ, ଯୋହନ ସାକ୍ଷ୍ୟ ଦେଇ କହିଲେ, ମୁଁ ଆତ୍ମାଙ୍କୁ କପୋତ ପରି ଆକାଶରୁ ଅବତରଣ କରିବା ଦେଖିଅଛି, ଆଉ ସେ ତାହାଙ୍କ ଉପରେ ଅବସ୍ଥାନ କଲେ । ମୁଁ ମଧ୍ୟ ତାହାଙ୍କୁ ଚିହ୍ନି ନ ଥିଲି, ମାତ୍ର ଯେ ମୋତେ ଜଳରେ ବାପ୍ତିସ୍ମ ଦେବାକୁ ପଠାଇଲେ, ସେ ମୋତେ କହିଲେ, ଯାହାଙ୍କ ଉପରେ ଆତ୍ମାଙ୍କୁ ଅବତରଣ ଓ ଅବସ୍ଥାନ କରିବା ଦେଖିବ, ସେ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦିଅନ୍ତି, ସେ ସେହି ବ୍ୟକ୍ତି । ଆଉ, ମୁଁ ତାହା ଦେଖିଅଛି ଓ ସେ ଈଶ୍ୱରଙ୍କ ପୁତ୍ର ବୋଲି ସାକ୍ଷ୍ୟ ଦେଇଅଛି'' (ଯୋହନ ୧:୨୯-୩୪) ।

ମାତ୍ର ଅତି ଗୁରୁତ୍ୱପୂର୍ଣ୍ଣ ଭାବରେ, ଆମେ ତାଙ୍କ ବାପ୍ତିସ୍ମର ଗୁରୁତ୍ୱକୁ ସେତେବେଳେ ଦେଖୁ, ଯେତେବେଳେ ପବିତ୍ର ଆତ୍ମା ତାଙ୍କ ଉପରେ ଅବତରଣ କରିଥିଲେ ଓ ଯେତେବେଳେ ପିତା ଈଶ୍ୱର ଏହି ସାକ୍ଷ୍ୟ ଦେଇଥିଲେ ଯେ ସେ ଯୀଶୁଙ୍କଠାରେ ସନ୍ତୁଷ୍ଟ ଅଟନ୍ତି : ''ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ'' (ମାଥିଉ ୩:୧୬-୧୭, ଦେଖନ୍ତୁ ମାର୍କ ୧:୧୦-୧୧, ଲୂକ ୩:୨୧-୨୨) । ଯୀଶୁ ଖ୍ରୀଷ୍ଟ ତାଙ୍କର ବାଧ୍ୟତା ମାଧ୍ୟମରେ ସମସ୍ତ ଧର୍ମକର୍ମ ସାଧନ କରିଥିଲେ । ତଥାପି, ତାଙ୍କ ବାପ୍ତିସ୍ମରେ ଅନ୍ୟ ଏକ କୃତିତ୍ୱ ଥିଲା ଯାହା ସମସ୍ତ ଧର୍ମକର୍ମ ସାଧନ କରିଥିଲା ।

## ଯୀଶୁ ଖ୍ରୀଷ୍ଟ ଆମକୁ ଦୃଷ୍ଟାନ୍ତ ଦେଖାଇଥିଲେ

ନିଜ ବାପ୍ତିସ୍ମ ଦ୍ୱାରା, ଯୀଶୁ ଆମକୁ ଏପରି ଦୃଷ୍ଟାନ୍ତ ପ୍ରଦାନ କରିଥିଲେ ଯାହାକୁ ଆମେ ପାଳନ କରିବା ଆବଶ୍ୟକ । ପ୍ରଥମରେ, ଆମକୁ ଏହା ବୁଝିବାକୁ ହେବ ଯେ ଖ୍ରୀଷ୍ଟ ମନୁଷ୍ୟ ଜାତି ପାଇଁ କେବଳ ଯେ ମୃତ୍ୟୁବରଣ କରିଥିଲେ, ତା' ନୁହେଁ, ମାତ୍ର ସେ ମୃତ୍ୟୁରୁ ମଧ୍ୟ ପୁନରୁତ୍ଥିତ ହୋଇଥିଲେ (ମାଥିଉ ୧୬:୨୧, ୨୮:୫-୭, ପ୍ରେରିତ ୧:୩, ୨:୨୩-୨୪, ୩୧-୩୨) । ପୁନରୁତ୍ଥାନ ପରେ, ଯୀଶୁ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଥିବା ନିଜର ସ୍ଥାନ ଗ୍ରହଣ କରିବା ପାଇଁ ସ୍ୱର୍ଗକୁ ଆରୋହଣ କରିଥିଲେ (ମାଥିଉ ୧୬:୨୧, ୨୮:୫-୭, ପ୍ରେରିତ ୨:୩୨-୩୬, ୭:୫୫, ରୋମୀୟ ୮:୩୪, ଏଫିସୀୟ ୧:୨୦, ଏବ୍ରୀ ୮:୧, ୧୨:୨. ୧ ପିତର ୩:୨୨) । ସେଥିପାଇଁ ଯୀଶୁ ମୃତ୍ୟୁବରଣ କରିଥିଲେ, ପୁନରୁତ୍ଥିତ ହୋଇଥିଲେ ଓ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱକୁ ଯାତ୍ରା କରିଥିଲେ ।

ତାହା ଅନନ୍ତ ଜୀବନ ପ୍ରତି ଆତ୍ମିକ ପୁନରୁତ୍ଥାନର ଏକ ଆରମ୍ଭ ଥିଲା । ଯୀଶୁ ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ପ୍ରଥମ ଜାତ ଅଟନ୍ତି (କଲସୀୟ ୧:୧୮, ପ୍ରକାଶିତ ୧:୫) । ସେ ପୁନରୁତ୍ଥାନର ପ୍ରଥମ ଫଳ ଅଟନ୍ତି (୧ କରିନ୍ଥୀୟ ୧୫:୧୯-୨୩) ଓ ସେ ଆମ ସମସ୍ତଙ୍କୁ ଅନନ୍ତ ଜୀବନ ଯାଚନ୍ତି (ପ୍ରେରିତ ୨୬:୨୩) । ରୋମୀୟ ୬:୩-୧୪ ଓ ୧ ପିତର ୩:୧୮-୨୧ରେ, ଆମେ ତାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ମଧ୍ୟରେ ଓ ଆମ ପାପପୂର୍ଣ୍ଣ ଜୀବନର ଆତ୍ମିକ ମୃତ୍ୟୁ ଓ ଆମର ଆତ୍ମିକ ପୁନରୁତ୍ଥାନ ମଧ୍ୟରେ ଥିବା ସଂପର୍କ ଦେଖୁ । ଆମର ପୁରାତନ ପାପ ସ୍ୱଭାବ ଜଳରେ ସମାଧିସ୍ଥ (ନିମଜ୍ଜିତ) ହୁଏ ଓ ଜଳରୁ ବାହାରି ଆସିବା ଦ୍ୱାରା ଆମେ ଧାର୍ମିକ ଜୀବନ ଯାପନର ଏକ ନୂତନ ଜୀବନ ପ୍ରତି ପୁନରୁତ୍ଥିତ ହେଉ : ''ତୁମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇ, ଯେଉଁ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ କାର୍ଯ୍ୟସାଧକ ଶକ୍ତିରେ ବିଶ୍ୱାସ କରି ଖ୍ରୀଷ୍ଟଙ୍କ ସହିତ ମଧ୍ୟ ଉତ୍ଥାପିତ ହୋଇଅଛ । ଅପରାଧରେ ଓ ଶାରୀରିକ ଅସୁନ୍ନତ୍ ଅବସ୍ଥାରେ ମୃତ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ମଧ୍ୟ ଈଶ୍ୱର ତାହାଙ୍କ ସହିତ ସଜୀବ କରିଅଛନ୍ତି, ସେ ତ ଆମ୍ଭମାନଙ୍କର ସମସ୍ତ ଅପରାଧ କ୍ଷମା କରିଅଛନ୍ତି'' (କଲସୀୟ ୨:୧୨-୧୩, ଦେଖନ୍ତୁ ୩:୧-୪, ଏବ୍ରୀ ୯:୧୪-୧୫, ୧୦:୧୯-୨୫, ତୀତସ ୨:୧୧-୧୪) ।

ଯେତେବେଳେ ଖ୍ରୀଷ୍ଟ କହିଥିଲେ ଯେ ଜଣେ ବ୍ୟକ୍ତିକୁ ଜଳ ଓ ଆତ୍ମାରେ ପୁନର୍ଜନ୍ମ ଲାଭ କରିବାକୁ ହେବ, ସେତେବେଳେ ସେ ବାପ୍ତିସ୍ମକୁ ସୂଚିତ କରିଥିଲେ (ଯୋହନ ୩:୩-୫) । ପରିତ୍ରାଣ ପାଇବା ପାଇଁ, ଆମକୁ ଜଳ ବାପ୍ତିସ୍ମ ମାଧ୍ୟମରେ ଏକ ନୂତନ, ଆତ୍ମିକ ଜୀବନ ପ୍ରତି ପୁନର୍ଜନ୍ମ ଗ୍ରହଣ କରିବାକୁ ହେବ ଓ ଏହାପରେ ପବିତ୍ର ଆତ୍ମା ଯେପରି ଆମ ମଧ୍ୟରେ ବାସ କରିବେ, ଏଥିପାଇଁ ତାଙ୍କୁ ଗ୍ରହଣ କରିବାକୁ ହେବ (ପ୍ରେରିତ ୨:୩୮, ୧ କରିନ୍ଥୀୟ ୬:୧୯) । ବାପ୍ତିସ୍ମ ତାଙ୍କ ମୃତ୍ୟୁ, ସମାଧି ପୁନରୁତ୍ଥାନର ଏକ ସାଦୃଶ୍ୟ ଅଟେ ।

ଗୋଟିଏ ମାର୍ଗରେ ଆମେ ଏଥିରେ ତାଙ୍କର ଶାରୀରିକ, ପ୍ରକାଶ୍ୟ ସେବାକାର୍ଯ୍ୟକୁ ବିଚାର କରିପାରିବା : ଏହା ବାପ୍ତିସ୍ମ ମାଧ୍ୟମରେ ମୃତ୍ୟୁ, ସମାଧି ଓ ପୁନରୁତ୍ଥାନର ଏକ ନିଦର୍ଶନ ଭାବରେ ଆରମ୍ଭ ହୋଇଥିଲା ଓ ତାଙ୍କର ପ୍ରକୃତ ମୃତ୍ୟୁ, ସମାଧି ଓ ପୁନରୁତ୍ଥାନରେ ଶେଷ ହୋଇଥିଲା । ଏହାପରେ ସେ ସ୍ୱର୍ଗକୁ ଆରୋହଣ କରିଥିଲେ । ସେ ଅଗ୍ରଣୀ ଭାବରେ ଆମକୁ ସ୍ୱର୍ଗର ପଥ ପ୍ରଦର୍ଶନ କରିଥିଲେ (ଏବ୍ରୀ ୬:୨୦) ଓ ଆମ ପାଇଁ ସେହି ମାର୍ଗକୁ ଉତ୍ସର୍ଗ କରିଥିଲେ (ଏବ୍ରୀ ୧୦:୧୯-୨୦) । ସେ ଆମ ବିଶ୍ୱାସ ଓ ଅନନ୍ତ ପରିତ୍ରାଣର ଆଦିକର୍ତ୍ତା ଅଟନ୍ତି (ଏବ୍ରୀ ୫:୯, ୧୨:୨) ।

ଯଦି ଆମେ ପରିତ୍ରାଣ ଚାହୁଁ, ତେବେ ଆମକୁ ସେହି ମାର୍ଗର ଅନୁଗାମୀ ହେବାକୁ ପଡ଼ିବ । ଆମକୁ ତାଙ୍କର ଦୃଷ୍ଟାନ୍ତ ଅନୁସରଣ କରିବାକୁ ହେବ । ଯୀଶୁ ଖ୍ରୀଷ୍ଟ ନିଷ୍ପାପ ଥିଲେ, ସେଥିପାଇଁ ଅନୁତାପ କରିବା କିମ୍ବା କୌଣସି ପାପ ସ୍ୱୀକାର କରିବା ତାଙ୍କ ନିମନ୍ତେ ଆବଶ୍ୟକ ନ ଥିଲା । ସେ କେବଳ ଧର୍ମକର୍ମ ସଂପୂର୍ଣ୍ଣ କରିବା ପାଇଁ ବାପ୍ତିଜିତ ହେବା ଆବଶ୍ୟକ କରୁଥିଲେ । କିନ୍ତୁ ଆମକୁ ବିଶ୍ୱାସ କରିବାକୁ ହେବ (ଯୋହନ ୧:୧୨, ୮:୨୪, ପ୍ରେରିତ ୧୬:୩୧, ୧ କରିନ୍ଥୀୟ ୧:୨୧, ଗାଲାତୀୟ ୩:୨୨, ଏବ୍ରୀ ୧୦:୩୯, ୧୧:୬) । ଆମକୁ ଆମ ପାପ ପାଇଁ ଅନୁତାପ କରିବାକୁ ହେବ (ଲୂକ ୧୩:୫, ୨ କରିନ୍ଥୀୟ ୭:୧୦, ୨ ପିତର ୩:୯) । ଆମେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଛୁ ବୋଲି ସ୍ୱୀକାର କରିବାକୁ ହେବ (ମାଥିଉ ୧୦:୩୨, ରୋମୀୟ ୧୦:୯-୧୦) । ପୁଣି ଆମକୁ ସେପରି ଭାବରେ ବାପ୍ତିଜିତ ହେବାକୁ ପଡ଼ିବ, ଯେପରି ଭାବରେ ଯୀଶୁ ଖ୍ରୀଷ୍ଟ ଆଜ୍ଞା ଦେଇଛନ୍ତି (ମାଥିଉ ୨୮:୧୮-୨୦, ମାର୍କ ୧୬:୧୬, ପ୍ରେରିତ ୨:୩୮-୪୨, ୮:୧୨, ୧୦:୪୮, ୧୬:୩୩, ୨୨:୧୬, ରୋମୀୟ ୬:୩୩, ୧ କରିନ୍ଥୀ ୧୨:୧୩, ଗାଲାତୀୟ ୩:୨୬-୨୯) । ବାପ୍ତିସ୍ମ ପରେ, ଆମକୁ ସେହି ଅନ୍ତିମ ପୁନରୁତ୍ଥାନର ପ୍ରତ୍ୟାଶାରେ ଧାର୍ମିକ ଜୀବନ କାଟିବାକୁ ହେବ, ଯେତେବେଳେ ଆମେ ଖ୍ରୀଷ୍ଟଙ୍କ ସହିତ ସ୍ୱର୍ଗକୁ ଯିବା (ଯୋହନ ୫:୨୮-୨୯, ୧ କରିନ୍ଥୀ ୧୫:୪୨-୫୮, ଗାଲାତୀୟ ୫:୫, ଫିଲିପ୍ପୀୟ ୧:୨୦, ୩:୯-୨୧, କଲସୀୟ ୧:୫,୨୭, ୧ ଥେସଲନୀକୀୟ ୪:୧୩-୧୮, ଏବ୍ରୀ ୩:୬) ।

ନିଜ ସେବାକାର୍ଯ୍ୟର ଆରମ୍ଭରେ, ଯୀଶୁ ଖ୍ରୀଷ୍ଟ ସମସ୍ତ ଧର୍ମକର୍ମ ସାଧନ କରିବା ପାଇଁ ବାପ୍ତିଜିତ ହୋଇଥିଲେ । ସେହିପରି କରିବା ଦ୍ୱାରା, ସେ ପିତା ଈଶ୍ୱରଙ୍କର ବାଧ୍ୟ ହୋଇଥିଲେ ଓ ଆମକୁ ଗୋଟିଏ ଦୃଷ୍ଟାନ୍ତ ଦେଖାଇଥିଲେ । ପୃଥିବୀରେ ତାଙ୍କ ସେବାକାର୍ଯ୍ୟର ଶେଷ ବେଳକୁ, ସେ ସମସ୍ତ ଧର୍ମକର୍ମ ସାଧନ କରିସାରିଥିଲେ । ଯଦି ଆମେ ଆମ ପାଇଁ ଉଦ୍ଦିଷ୍ଟ ତାଙ୍କ ବଳିଦାନର ଉପକାରିତା ଗ୍ରହଣ କରିବାକୁ ଇଚ୍ଛା କରୁଛୁ, ତେବେ ଆମକୁ ତାଙ୍କର ଦୃଷ୍ଟାନ୍ତ ଅନୁସରଣ କରି ଆଜ୍ଞାବହ ହେବାକୁ ପଡ଼ିବ (୧ ପିତର ୧:୧୪) ।

''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ'' (ମାଥିଉ ୭:୨୧) ।

''ଯଦି ତୁମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ଉତ୍ଥିତ ହୋଇଅଛ, ତେବେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଖ୍ରୀଷ୍ଟଙ୍କର ଯେଉଁ ବାସସ୍ଥାନ, ସେହି ଊର୍ଦ୍ଧ୍ୱସ୍ଥାନର ବିଷୟସବୁ ଅନ୍ୱେଷଣ କର'' (କଲସୀୟ ୩:୧) ।


## TAX EXEMPTION

Donations by any individual or organization to **Echo of His Call Educational Trust** are eligible for Income Tax exemption under Section 80G of the Income Tax Act. Official receipts will be issued for this purpose. Please make your Demand Drafts / Cheques / M.O. for such donations in favour of **Echo of His Call Educational Trust** and send to us.

| | |
|---|---|
| **Account Name** | **: ECHO OF HIS CALL EDUCATIONAL TRUST** |
| **Account Number** | **: 1023 2923 805** |
| **Bank Name** | **: STATE BANK OF INDIA** |
| **Branch** | **: TRIPLICANE, CHENNAI - 600 005** |
| **IFSC Code** | **: SBIN 0000249** |



# ଗର୍ତ୍ତରୁ ରାଜପ୍ରାସାଦ
## (PIT TO PALACE)
### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

## କଥା କହୁଥିବା ପ୍ରଭୁ ଯୀଶୁ ଖ୍ରୀଷ୍ଟ !

ଏହା ଥିଲା ୧୯୮୨ ମସିହା ! ଈଶ୍ୱରଙ୍କ ଅନୁଗ୍ରହ ଆଦୌ ପରିବର୍ତ୍ତିତ ହୁଏ ନାହିଁ । ତାଙ୍କର ଆହ୍ୱାନର ମଧ୍ୟ ପରିବର୍ତ୍ତନ ନାହିଁ । ''କାରଣ, ଈଶ୍ୱରଙ୍କ ଦାନସମୂହ ଓ ଆହ୍ୱାନ ଅନ୍ୟଥା ହୁଏ ନାହିଁ'' (ରୋମୀୟ ୧୧:୨୯) । ମାତ୍ର ପରିସ୍ଥିତି ଅତି ବିଶୃଙ୍ଖଳିତ ଥିଲା । ବାସ କରିବା ନିମନ୍ତେ କୌଣସି ଉପଯୁକ୍ତ ସ୍ଥାନ ନ ଥିଲା, କେହି ସାହାଯ୍ୟ କରିବାକୁ ନ ଥିଲେ । ସେବାକାର୍ଯ୍ୟ ପାଇଁ ବିରୋଧ ଥିଲା । ଚତୁର୍ଦ୍ଦିଗରେ ଘୃଣା ଓ ଚାପ ଥିଲା । ଅର୍ଥନୈତିକ ପରିସ୍ଥିତି କଷ୍ଟକର ଥିଲା । ସାହାଯ୍ୟକାରୀ ଲୋକର ଅଭାବ ଥିଲା ଓ ମୁଁ କ'ଣ କହୁଛି, ତାହା ଶୁଣିବାକୁ କେହି ନ ଥିଲେ । ନିକଟସ୍ଥ ପ୍ରାଚୀରରେ ଏହି ବାକ୍ୟ ଲେଖା ଥିଲା : ''ହେ ମନୁଷ୍ୟ, ଧର୍ମ ତା'ର ତମ୍ବୁକୁ ପରିବର୍ତ୍ତନ କରୁଛି । ହେ ଲୋକମାନେ, ସାବଧାନ ।''

ମୁଁ ଦିଶାହୀନ ଥିଲି ଓ କ'ଣ କରିବାକୁ ହେବ, ତାହା ଜାଣି ନ ଥିଲି, ନିରୁତ୍ସାହଜନକ ବାକ୍ୟ ମୋ' ନିକଟରେ ଉପସ୍ଥିତ ହେଲା : ''ତୁମେ ଏହି ବିରୋଧର ସ୍ଥାନ ଛାଡ଼ି ସହରଠାରୁ ୨୫ କିମି ଦୂରରେ ଥିବା ଗୋଟିଏ ସ୍ଥାନକୁ ଚାଲିଯାଅ । ସମୟ ନଷ୍ଟକର ନାହିଁ ।'' ସେଠାରେ ମଧ୍ୟ ମୋ' ପ୍ରତି ସେହି ସମାନ ପ୍ରକାର ବିରୋଧ ଓ ପରାମର୍ଶ ଆସିଲା । ସେଥିପାଇଁ ମୁଁ ଗୋଟିଏ ନିଷ୍ପତ୍ତି ନେବା ପାଇଁ ବାଧ୍ୟ ହେଲି ।

ଦିନେ ରାତିରେ ମୁଁ ଅତି ବିଷାଦଗ୍ରସ୍ତ ଓ ବିନିଦ୍ର ଥିଲି । ପୁଣି ମୋତେ କୌଣସି ପରାମର୍ଶ ଦେବା ପାଇଁ କେହି ନ ଥିଲେ । ଯେଉଁ ଲୋକମାନେ ମୋ' ଚତୁଃପାର୍ଶ୍ୱରେ ଥିଲେ, ସେମାନେ ବିପରୀତ ବିଷୟ ଭାବୁଥିଲେ । ମୁଁ ଏପରି ଲୋକମାନଙ୍କ ଦ୍ୱାରା ପରିବେଷ୍ଟିତ ଥିଲି, ଯେଉଁମାନେ ମୋ' କଥା ଶୁଣିବା ସ୍ଥିତିରେ ନ ଥିଲେ ଓ ଗୋଟିଏ ଅର୍ଥପୂର୍ଣ୍ଣ ଉତ୍ତର ଚିନ୍ତା କରିବା ପାଇଁ ଓ ମୋତେ ଜଣାଇବା ପାଇଁ ସେମାନଙ୍କଠାରେ ସଠିକ୍ ମନୋସ୍ଥିତି ନ ଥିଲା । ସେଥିପାଇଁ, ମୁଁ ସକାଳ ୪ରୁ ଆଣ୍ଠୁଭାଙ୍ଗି ପ୍ରାର୍ଥନାରେ ନିଜକୁ ଉତ୍ସର୍ଗ କରିଥିଲି ।

ଯଦିଓ ମୁଁ ସକାଳ ୪ରୁ ଆଣ୍ଠୁମାଡ଼ି ବସିଥିଲି, ତଥାପି ମୋର ଅତିରିକ୍ତ ସମସ୍ୟା ଯୋଗୁ ମୋ' ମୁଖରୁ କୌଣସି କଥା ବାହାରୁ ନ ଥିଲା । ତଥାପି ମୋର ହୃଦୟ ଆମର ଜୀବିତ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଥିଲା । କଳ୍ପନା ଚକ୍ଷୁରେ, ମୁଁ ଏହା ଦେଖିପାରୁଥିଲି ଯେ ମୋର ସ୍ୱର ସ୍ୱର୍ଗରେ ଓ ସେହି ପ୍ରଭୁଙ୍କ ନିକଟରେ ପହଞ୍ଚୁଥିଲା, ଯିଏ ସ୍ମିତ ହାସ୍ୟ ସହିତ ମୋର ନିବେଦନ ଗ୍ରହଣ କରି କାର୍ଯ୍ୟ କରିବା ଆରମ୍ଭ କରିଥିଲି ।

ସମୟ କିପରି ଅତିକ୍ରାନ୍ତ ହେଉଥିଲା, ତାହା ମୁଁ ବୁଝିବା ପାଇଁ ଅସମର୍ଥ ଥିଲି । ମୋ' ପାଇଁ ଖାଦ୍ୟ ଓ ଜଳର ଆବଶ୍ୟକତା ନ ଥିଲା । ମାତ୍ର ସେହିଦିନ ସନ୍ଧ୍ୟା ୫.୩୦ରେ, ମୋର ବନ୍ଧୁ ଓ ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକାର ସହଯୋଗୀ ସଂପାଦକ (ଇଂରାଜୀ), ଭାଇ.ଏମ୍.ପଲ୍‌ରାଜ୍ ମୋ' ନିକଟକୁ ଆସିଲେ । ଆଣ୍ଠୁମାଡ଼ି ବସିଥିବା ସମୟରେ ତାଙ୍କର ସ୍ୱର ଶୁଣି ମୁଁ ତାଙ୍କୁ ସାକ୍ଷାତ୍ କରିବା ପାଇଁ ଆସିଲି ।

ଯଦିଓ ଶରୀର ଓ ମନରେ, ମୁଁ ଦୁର୍ବଳ ଥିଲି, ତଥାପି ମୋର ମୁଖ ଉଜ୍ଜ୍ୱଳ ଦିଶୁଥିଲା । ମୋର ଉଜ୍ଜ୍ୱଳ ମୁଖକୁ ଦେଖି ସେ ମୋତେ କହିଥିଲେ, ''ଓଃ ଭାଇ, ଆପଣ କେତେ ସତେଜ ଦିଶୁଛନ୍ତି ! କିଛି ସୁସମ୍ବାଦ ଅଛି କି ?'' ମୁଁ ତାଙ୍କୁ କହିଲି ଯେ ଦୀର୍ଘ ଦିନରୁ ମୋତେ ଚାପଗ୍ରସ୍ତ କରୁଥିବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଯୋଗୁ ମୁଁ ସକାଳ ୪ରୁ ଆଣ୍ଠୁଭାଙ୍ଗି ପ୍ରାର୍ଥନା କରୁଥିଲି । ମୋର ସେହି ଭୟଙ୍କର ସମସ୍ୟା ଯୋଗୁ ମୋ' ମୁଖରୁ କୌଣସି ବାକ୍ୟ ବାହାରୁ ନ ଥିଲା ମାତ୍ର ମୁଁ ମୋ' ମନ ମଧ୍ୟରେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି ।

ଆମର କଥାବାର୍ତ୍ତା ସମୟରେ, ସେ ମୋତେ ହଠାତ୍ କହିଲେ, ''ଭାଇ, ଆମର ପ୍ରଭୁ ଆପଣଙ୍କ ପ୍ରତି କେତେ ଉତ୍ତମ ଅଟନ୍ତି ! ଆମେ ଉଭୟେ ଗୋଟିଏ ଗ୍ରାମ୍ୟ ବିଦ୍ୟାଳୟରେ ଅଧ୍ୟୟନ କରିଥିଲୁ ମାତ୍ର ଈଶ୍ୱର ଆପଣଙ୍କୁ ଚେପକ୍‌କୁ ଆଣିଥିଲେ ଯାହା ରାଜ୍ୟର ମୁଖ୍ୟାଳୟର ଏକ ନିକଟବର୍ତ୍ତୀ ସ୍ଥାନ ଅଟେ । ସେ ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳରେ ସୁସମାଚାର ପ୍ରଚାର କରିବା ପାଇଁ ଆପଣଙ୍କୁ ଏହି ସ୍ଥାନରେ ରଖିଛନ୍ତି । ଏହା କେତେ ବଡ଼ ବିସ୍ମୟ !'' ଯିଶାଇୟ ୨:୩ ଓ ମୀଖା ୪:୨ କହେ, ''... କାରଣ ସିୟୋନଠାରୁ ବ୍ୟବସ୍ଥା ଓ ଯିରୂଶାଲମଠାରୁ ସଦାପ୍ରଭୁଙ୍କ ବାକ୍ୟ ନିର୍ଗତ ହେବ ।'' ସେଥିପାଇଁ ଈଶ୍ୱର ଆପଣଙ୍କ ମାଧ୍ୟମରେ ଏହି ଅଞ୍ଚଳକୁ ଓ ଦେଶର ସମସ୍ତ ଅଞ୍ଚଳକୁ ଜୀବନ୍ତ ଆଲୋକ ପ୍ରଦାନ କରିବେ ।'' କେତେ ବଡ଼ ବିସ୍ମୟ ! ଈଶ୍ୱର ମୋର ସମସ୍ୟା ପ୍ରତି ଏକ ସମାଧାନ ଯୋଗାଇବା ପାଇଁ ସଠିକ୍ ସମୟରେ ତାଙ୍କ ପୁତ୍ରଙ୍କୁ ଆଣିଥିଲେ ଓ ମୋ' ପ୍ରାର୍ଥନାର ଉତ୍ତର ଦେଇଥିଲେ ।

ଈଶ୍ୱରଙ୍କର ପ୍ରିୟ ସନ୍ତାନଗଣ, ଆପଣମାନେ ଏକ କଷ୍ଟକର ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି କି ? ନିରୁତ୍ସାହିତ ହୁଅନ୍ତୁ ନାହିଁ । ପ୍ରାନ୍ତରରେ ସୁଦ୍ଧା ଈଶ୍ୱର ହାଗାରଙ୍କର କଷ୍ଟକର ପରିସ୍ଥିତି ଦେଖିଥିଲେ : ''ସେତେବେଳେ ପରମେଶ୍ୱର ବାଳକର ରବ ଶୁଣିଲେ, ପୁଣି ପରମେଶ୍ୱରଙ୍କ ଦୂତ ଆକାଶରୁ ଡାକି ହାଗାରଙ୍କୁ କହିଲେ, ଆଗୋ ହାଗାର୍, ତୁମ୍ଭର କ'ଣ ହେଲା ? ଭୟ କର ନାହିଁ, କାରଣ ଯେଉଁ ସ୍ଥାନରେ ବାଳକ ଅଛି, ସେହି ସ୍ଥାନରେ ପରମେଶ୍ୱର ତାହାର ରବ ଶୁଣିଅଛନ୍ତି'' (ଆଦି ୨୧:୧୭) । ପ୍ରାର୍ଥନାରେ ଲାଗି ରହନ୍ତୁ । ଈଶ୍ୱର ଆପଣଙ୍କ ଜୀବନରେ ଉତ୍ତମ କର୍ମ କରିବେ । ''କାରଣ ପୁରସ୍କାର ନିତାନ୍ତ ଅଛି ଓ ତୁମ୍ଭର ଭରସା ଉଚ୍ଛିନ୍ନ ହେବ ନାହିଁ'' (ହିତୋପଦେଶ ୨୩:୧୮) ।

***

## ଗୋଟିଏ ପ୍ରେମପୂର୍ଣ୍ଣ ଅନୁରୋଧ
### (A LOVING REQUEST)

ଆମକୁ କର୍ମଚାରୀମାନଙ୍କର ଦରମା, କାଗଜ କିଣିବା ପାଇଁ ଖର୍ଚ୍ଚ ଓ ଯାତ୍ରା ଖର୍ଚ୍ଚ, ଇତ୍ୟାଦି ଭଳି ଅନେକ ଆବଶ୍ୟକତା ପୂରଣ କରିବାକୁ ପଡୁଥିବାରୁ, ଆମେ ଅତି ଚାପଗ୍ରସ୍ତ ଅଛୁ । ସାଧାରଣ ଭାବରେ, ଆମେ କାହାରିକୁ ଅର୍ଥ ସହାୟତା ମାଗି ନ ଥାଉ । ମାତ୍ର ଯେଉଁମାନେ ଏହି ସେବାକାର୍ଯ୍ୟକୁ ପ୍ରେମ କରନ୍ତି, ସେମାନେ ଯେପରି କିଛି ଦାନ ମନି ଅର୍ଡର, ଚେକ୍, ଡିମାଣ୍ଡଡ୍ରାଫ୍ଟ, ଫୋନ୍-ପେ କିମ୍ବା ଏନିଏଫ୍‌ଟି ମାଧ୍ୟମରେ ଆମ ନିକଟକୁ ପ୍ରେରଣ କରିବେ, ଏଥିପାଇଁ ଆମେ ସେମାନଙ୍କୁ ବିଶେଷ ଅନୁରୋଧ କରୁଅଛୁ । ପ୍ରଭୁ ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

*ସଂପାଦକ*
*ଆହ୍ୱାନର ପ୍ରତିଧ୍ୱନି*

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–,**

**ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣମାନଙ୍କର ସାହାଯ୍ୟ (**D.D**, ଚେକ୍, ମନିଅର୍ଡର ଦ୍ୱାରା) ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ ।

ଦୟାକରି ଆପଣମାନଙ୍କର ଫୋନ ନମ୍ବରଗୁଡ଼ିକୁ ଓ ଇ–ମେଲ ଠିକଣା ପ୍ରେରଣ କରନ୍ତୁ ।

**ECHO OF HIS CALL**

10, Mohammed Abdullah 2nd Street, Chepauk,
Chennai - 600 005, India
PH: (+91-44) 2852 8282, 2852 9293, 2854 7766,
Cell: (+91) 95661 31858 / 98410 71852
E-mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.echoofhiscall.com

**YOU CAN SEND YOUR DONATIONS ON ONLINE ALSO**

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ–ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ନ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ନ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ–ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

**RNI NO. 70105/98**
**Postal Regn. No. TN/CH/(C)/198/21-23**
**WPP NO. TN/PMG(CCR) / WPP- 265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** FEBRUARY 2021

**If un-delivered please return to:**

**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**